





ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୦୭ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 07 SEPTEMBER 2022
Vol.No. 35 ■ No. 235 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଅବକାରୀ ଦୁର୍ନୀତିରେ ଇଡିର ବଡ଼ ଚଢ଼ାଉ

## ୩୦ରୁ ଅଧିକ ସ୍ଥାନରେ ଖୋଲତାଡ଼



ନୂଆଦିଲ୍ଲୀ, ୦୬/୦୯ : ଅବକାରୀ ଦୁର୍ନୀତିରେ ସିବିଆଇ ପରେ ଏବେ ଆକ୍ସନରେ ଇଡି । ମଙ୍ଗଳବାର ଦିଲ୍ଲୀ, ୟୁପି, ପଞ୍ଜାବ ସମେତ କିଛି ରାଜ୍ୟରେ ଅବକାରୀ କାରବାରର ଠିକଣା ଉପରେ ଚଢ଼ାଉ କରିଛି । ଦିଲ୍ଲୀର ଗୁରୁଗ୍ରାମ, ୟୁପିର ଲକ୍ଷ୍ନୌ, ହାଇଦ୍ରାବାଦ, ମୁମ୍ବାଇ, ବେଙ୍ଗାଲୁରୁ ସମେତ ୩୦ରୁ ଅଧିକ ସ୍ଥାନରେ ଚଢ଼ାଉ କରାଯାଇଛି । ଅଭିଯୁକ୍ତ ସମୀର ମହେନ୍ଦ୍ରଙ୍କ ଘରେ ଇଡି ଚଢ଼ାଉ ଆରମ୍ଭ କରିଛି । ଇଡିର ଚଢ଼ାଉକୁ ନେଇ କଡ଼ା ପ୍ରତିକ୍ରିୟା ଦେଇଛନ୍ତି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ । କହିଛନ୍ତି, ପ୍ରଥମେ ସିବିଆଇ ଚଢ଼ାଉ କଲା, ଏଥିରେ ସେମାନଙ୍କୁ କିଛି ମିଳିଲା ନାହିଁ । ଏବେ ଇଡିର ଚଢ଼ାଉରେ ମଧ୍ୟ କିଛି ମିଳିବ ନାହିଁ ବୋଲି କହିଛନ୍ତି ସିସୋଦିଆ । ଇଡିର ଚଢ଼ାଉକୁ ନେଇ ଆରମ୍ଭ ହୋଇଛି ରାଜନୀତି । ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀଙ୍କ ଘରେ ଚଢ଼ାଉ ନହେବା ନେଇ କେନ୍ଦ୍ର ସରକାର ଉପରେ ବର୍ଷିଛି ଆମ ଆଦମୀ ପାର୍ଟି । ଆପ୍ ବିଧାୟକ ସୌରଭ ଭରଦ୍ୱାଜ କହିଛନ୍ତି ଯେ ସିବିଆଇ ରେଡରେ ମନିଷ ସିସୋସିଆଙ୍କ ଘରୁ କିଛି ମିଳିଲା ନାହିଁ । ମନିଷ ସିସୋଦିଆଙ୍କ ଘରେ ମିଡିଆ ଥିବାରୁ ଇଡି ଚଢ଼ାଉ କରିନାହିଁ । ତଦନ୍ତ ପରେ ସିବିଆଇ ଯେପରି ତାଙ୍କୁ କ୍ଲିନ୍ ଚିଟ୍ ଦେଲା, ଇଡି ମଧ୍ୟ ତାଙ୍କୁ କ୍ଲିନ୍ ଚିଟ୍ ଦେଇଥିବା ସୌରଭ କହିଛନ୍ତି । ସେପଟେ ବିଜେପି ସାଂସଦ ମନୋଜ ତିୱାରୀ ଆପ୍ ଉପରେ ବର୍ଷିଛନ୍ତି । କଂଗ୍ରେସ ମଧ୍ୟ ଇଡିର ଆକ୍ସନ ନେଇ ପ୍ରତିକ୍ରିୟା ରଖିଛି । ନୂଆ ଅବକାରୀ ନୀତିରେ ଦୁର୍ନୀତି ହୋଇଥିବା ନେଇ ଉପରାଜ୍ୟପାଳ ଭିକେ ସାକ୍ସେନା ସିବିଆଇ ତଦନ୍ତ ପାଇଁ ସୁପାରିସ୍ କରିଥିଲେ । ଯାହା ପରେ ଦିଲ୍ଲୀ ସରକାର ଅବକାରୀ ନୀତି ୨୦୨୧-୨୨କୁ ପ୍ରତ୍ୟାହାର କରିନେଇଥିଲେ । ତେବେ ରାଜ୍ୟରେ ସେପ୍ଟେମ୍ବର ୧ରୁ ପୁରୁଣା ଅବକାରୀ ନୀତି ପୁନର୍ବାର ଲାଗୁ କରାଯାଇଥିଲା । ନୂଆ ନୀତି ଲାଗୁ ହେବା ପୂର୍ବରୁ ହିଁ କିଛି ଲାଇସେନ୍ସ ପ୍ରାପ୍ତ ଡିଲର ସେମାନଙ୍କର ଲାଇସେନ୍ସକୁ ସରେଣ୍ଡର କରିଦେଇଥିଲେ । ଅବକାରୀ ଦୁର୍ନୀତି ମାମଲାରେ ଗତ ଅଗଷ୍ଟ ୩୦ ତାରିଖରେ ମନିଷ ସିସୋଦିଆଙ୍କ ଉପସ୍ଥିତିରେ ସିବିଆଇ ଗାଜିଆବାଦ ବ୍ୟାଙ୍କରେ ଥିବା ତାଙ୍କ ଲକର ଗୁଡ଼ିକୁ ଯାଂଚ କରିଥିଲା । ଅବକାରୀ ନୀତି ମାମଲାରେ ସିବିଆଇ ଏଫଆଇଆରରେ ଥିବା ୧୫ ଜଣଙ୍କ ମଧ୍ୟରୁ ସିସୋଦିଆ ଅନ୍ୟତମ ଅଭିଯୁକ୍ତ ।

# ଭାରତ-ବାଂଲାଦେଶ ଦ୍ୱିପାକ୍ଷିକ ବୈଠକରେ ୭ଟି ଚୁକ୍ତି ସ୍ୱାକ୍ଷରିତ



ନୂଆଦିଲ୍ଲୀ, ୦୬/୦୯ : ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଶେଷ ହୋଇଛି । ବୈଠକରେ ୭ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଗତବର୍ଷ ଆମେ ବାଂଲାଦେଶ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ପାଳନ କରିଛୁ । ଆମେ ପ୍ରଥମ ମିତ୍ରତା ଦିବସ ମଧ୍ୟ ପାଳନ କରିଛୁ । ଭାରତ-ବାଂଲାଦେଶ ସମ୍ପର୍କ ଆଗାମୀ ଦିନରେ ନୂଆ ସଫଳତା ହାସଲ କରିବ । ଆଜିର ଦିନରେ ବାଂଲାଦେଶର ବିକାଶରେ ଭାରତର ସବୁଠାରୁ ବଡ ଭାଗିଦାରୀ ରହିଛି । ଦୁଇ ଦେଶର ଲୋକଙ୍କ ମଧ୍ୟରେ ନିରନ୍ତର ଭାବେ ସମ୍ପର୍କ ରହିଛି । ସେହିଭଳି ଉଭୟ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ମଧ୍ୟ ବଢିବାରେ ଲାଗିଛି । ଆଗାମୀ ଦିନରେ ବିଦ୍ୟୁତ ପରିଚାଳନା କ୍ଷେତ୍ରରେ ଭାରତ ବାଂଲାଦେଶ ମଧ୍ୟରେ କଥାବାର୍ତ୍ତା ଜାରିରହିଛି । ମୋଦୀ ଆହୁରି ମଧ୍ୟ କହିଛନ୍ତି, ବନ୍ୟାକୁ ରୋକିବା ପାଇଁ ଆମର ସହଯୋଗ ଜାରିରହିଛି । ଏହି ବୈଠକରେ ଆତଙ୍କବାଦ ଉପରେ ମଧ୍ୟ ଚର୍ଚ୍ଚା ହୋଇଛି । ସେହିଭଳି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା କହିଛନ୍ତି, ଭାରତବାସୀଙ୍କୁ ମୋର ଅନେକ ଶୁଭେଚ୍ଛା । ଦେଶ ସ୍ୱାଧୀନତାର ଅମୃତମହୋତ୍ସବ ପାଳନର ସଫଳ ସମାପନ ପାଇଁ ସମସ୍ତଙ୍କୁ ମୁଁ ବଧେଇ ଜଣାଉଛି । ଆଜି ପ୍ରଧାନମନ୍ତ୍ରୀଙ୍କ ସହ ମୋର ଚର୍ଚ୍ଚା ଆଲୋଚନା ସଫଳ ହୋଇଛି । ଏହାର ଲାଭ ଉଭୟ ଦେଶକୁ ହେବ । ଆଗାମୀ ୨୫ ବର୍ଷ ସଫଳତାର ଶୀର୍ଷକୁ ଛୁଇଁବେ ଭାରତ ଏବଂ ବାଂଲାଦେଶ ।

## ପୋର୍ଟ ଲାଂଚ କାରବାର ମାମଲାରେ ଚର୍ଚ୍ଚିତ ମିଶ୍ରଙ୍କୁ ଜାମିନ୍

ଭୁବନେଶ୍ୱର, ୦୬/୦୯ (ନି.ପ୍ର): ପାରାଦୀପ ପୋର୍ଟ ଲାଂଚ କାରବାର ମାମଲାରେ ବିଶିଷ୍ଟ ଶିଳ୍ପପତି ମହିମା ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ରଙ୍କୁ ଜାମିନ ମିଳିଛି । ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡର ନିର୍ଦ୍ଦେଶକ ଥିବା ଚର୍ଚ୍ଚିତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ସ୍ୱତନ୍ତ୍ର ସିବିଆଇ କୋର୍ଟ । ସାକ୍ଷୀଙ୍କୁ ପ୍ରଭାବିତ ନ କରିବା ଓ ପାସପୋର୍ଟ ଜମା ପାଇଁ ସ୍ୱତନ୍ତ୍ର ସିବିଆଇ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ୧୫ ଦିନରେ ତଦନ୍ତ ଅଧିକାରୀଙ୍କୁ ସାକ୍ଷାତ ପାଇଁ ମଧ୍ୟ କଡ଼ା ନିର୍ଦ୍ଦେଶ ରହିଛି । ଶିଳ୍ପପତି ମହିମା ମିଶ୍ରଙ୍କ କମ୍ପାନୀ ଓଏସଏଲ୍ କୁ ଅହେତୁକ ଅନୁକମ୍ପା ପ୍ରଦାନ ପାଇଁ ୬୦ ଲକ୍ଷ ଟଙ୍କାର ଲାଂଚ କାରବାର ହୋଇଥିବା ଅଭିଯୋଗ କରି ସିବିଆଇ ମହିମା ମିଶ୍ରଙ୍କ ପୁଅ ତଥା ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର, ଚିଫ୍ ଇଂଜିନିୟର ସରୋଜ ଦାଶ, ତାଙ୍କ ସହଯୋଗୀ ବିଲ୍ଡର ଶିଶିର ଦାସ, କେସିଟିର ଦେବପ୍ରିୟ ମହାନ୍ତିଙ୍କ ସମେତ ୭ ଜଣଙ୍କୁ ଗିରଫ କରିଥିଲା । ଏହି ମାମଲାରେ ମହିମା ମିଶ୍ରଙ୍କ କଟକ ଘର, ଅଫିସ ସହିତ ପାରାଦୀପ ଓ ଅନ୍ୟାନ୍ୟ ସ୍ଥାନରେ ରେଡ୍ କରିଥିଲା ସିବିଆଇ । ମହିମା ମିଶ୍ର ଓ ତାଙ୍କ ପୁଅ ଚନ୍ଦନଙ୍କୁ ମଧ୍ୟ ଜେରା କରିଥିଲା । ସିବିଆଇର ସୂଚନା ଅନୁସାରେ ଚିଫ୍ ମେକାନିକାଲ ଇଞ୍ଜିନିୟର ସରୋଜ କୁମାର ଦାସ ବିଭିନ୍ନ ସମୟରେ ପାରାଦୀପ ବନ୍ଦରରେ ନିୟୋଜିତ ଥିବା ବିଭିନ୍ନ ଘରୋଇ କମ୍ପାନୀଙ୍କୁ ଅହେତୁକ ଅନୁକଂପା ଦେଖାଇ ତାଙ୍କ ଘନିଷ୍ଠ ମଧ୍ୟସ୍ଥିଙ୍କ ଜରିଆରେ ଅଭ୍ୟାସଗତ ଭାବେ ଲାଂଚ ଗ୍ରହଣ କରି ଆସୁଥିଲେ । ଏହି ମଧ୍ୟସ୍ଥି ଜଣଙ୍କର ପୋର୍ଟର ଅପରେସନ୍ ମ୍ୟାନେଜର ଓ ଘରୋଇ କମ୍ପାନୀ ସହ ଘନିଷ୍ଠତା ରହିଥିଲା ।

# ବିରୋଧୀଙ୍କୁ ଏକଜୁଟ କରିବାକୁ ନୀତିଶଙ୍କ ପ୍ରୟାସ



ନୂଆଦିଲ୍ଲୀ, ୦୬/୦୯ : ବିହାରରେ ଜେଡିୟୁ ବିଜେପିର ହାତ ଛାଡି ମହାମେଣ୍ଟରେ ସାମିଲ ହେଲେ । ଏହାପରେ ଜେଡିୟୁ ଆରଜେଡି, କଂଗ୍ରେସ ଓ ବାମଦଳ ମିଶି ସରକାର ସରକାର ଗଠନ କଲେ । ଏସବୁ ପରେ ଏବେ ଦେଶରେ ବି ବିରୋଧୀମାନଙ୍କୁ ଏକଜୁଟ କରିବାକୁ ଭିଡିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ସେ ଏବେ ଦିଲ୍ଲୀ ଗସ୍ତରେ ଅଛନ୍ତି । ଏହି କ୍ରମରେ ସେ ପ୍ରଥମେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ବିରୋଧୀମେଣ୍ଟର ଆହ୍ୱାନ ଦେଇଛନ୍ତି । ଏହାପରେ ମଙ୍ଗଳବାର ଦିନ ନୀତିଶ କୁମାର ଦିଲ୍ଲୀରେ ବାମଦଳର ନେତା ସୀତାରାମ ୟେଚୁରୀଙ୍କୁ ଭେଟି ଆଗାମୀ ରଣନୀତି ବାବଦରେ ଆଲୋଚନା କରିଛନ୍ତି । ଏହାପରେ ସେ କହିଛନ୍ତି କି ଯଦି ସବୁ ଆଞ୍ଚଳିକ ଦଳ ସହ କଂଗ୍ରେସ ଓ ବାମଦଳ ଏକାଠି ହୋଇଯିବେ ତେବେ ୨୦୨୪ ନିର୍ବାଚନ ଫଳାଫଳ ଦେଶପାଇଁ ଶୁଭଙ୍କର ହେବ । ସବୁଠୁ ବଡ କଥା କି ଏହି ଗସ୍ତ ସମୟରେ ନୀତିଶ ସ୍ପଷ୍ଟ କରିଛନ୍ତି କି ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାକୁ ଲାଳାୟୀତ ନୁହଁନ୍ତି, କେବଳ ବିରୋଧୀମାନଙ୍କୁ ଏକାଠି କରିବାକୁ ପ୍ରୟାସ କରୁଛନ୍ତି । ସେପଟେ ଆଜି ଦିଲ୍ଲୀରେ ନୀତିଶ କୁମାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଭେଟିବେ । ଉଭୟ ଏକା ସାଙ୍ଗରେ ମଧ୍ୟାହ୍ନ ଭୋଜନ କରିବେ ବୋଲି ଜଣାପଡିଛି । ସୂଚନା ଥାଉକି ବିରୋଧୀମାନଙ୍କୁ ଏକାଠି କରିବାକୁ ନୀତିଶ କୁମାର ୩ ଦିନ ହେବ ଦିଲ୍ଲୀରେ ଡେରା ପକାଇଛନ୍ତି ।

## ୨୯ରେ ଓଡିଶା ଆସିବେ ନଡ୍ଡା

ଭୁବନେଶ୍ୱର, ୦୬/୦୯ (ନି.ପ୍ର): ଆସନ୍ତା ୨୯ ତାରିଖରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ଓଡ଼ିଶା ଆସିବେ । ନଡ୍ଡା ସେପ୍ଟେମ୍ବର୨୯ ଓ ୩୦ ତାରିଖ ଦୁଇ ଦିନ ଓଡ଼ିଶାରେ ରହିବେ । ବିଜେପି ସାଧାରଣ ସଂପାଦକ ଗୋଲକ ମହାପାତ୍ର ଏହି ସୂଚନା ଦେଇଛନ୍ତି । ଅପରପକ୍ଷରେ ମଙ୍ଗଳବାର ଦିନ ଆଜି ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରଭାରୀ ସୁନୀଲ ବଂଶଲଙ୍କ ଉପସ୍ଥିତିରେ କୋର୍ କମିଟି ବୈଠକ ବସିଥିଲା । ବୈଠକରେ ଆଗାମୀ ୩ ମାସ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି । ପୁରୀରେ ଆସନ୍ତା ୧୩, ୧୪ ଓ ୧୫ ତାରିଖରେ ପ୍ରଶିକ୍ଷଣ ଶିବିର ହେବ । ରାଜ୍ୟର ୩୭ ହଜାର ବୁଥ୍ କୁ ତୃଣମୂଳ ସ୍ତରରୁ ମଜଭୁତ କରାଯିବ । ବିଜେପି ସାଧାରଣ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବ ବୋଲି ବୈଠକରେ ଆଲୋଚନା ହୋଇଥିବା ଗୋଲକ ମହାପାତ୍ର କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମ ଯୋଗୁଁ ରାଜଧାନୀରେ ଟ୍ରାଫିକ ଜାମ୍

ଭୁବନେଶ୍ୱର, ୦୬/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଲାଗି ମାତ୍ର ଗୋଟିଏ ଘଂଟାର କାର୍ଯ୍ୟକ୍ରମ ପାଇଁ ନାକେଦମ୍ ହୋଇଗଲେ ରାଜଧାନୀବାସୀ । ଅସମ୍ଭାଳ ଭିଡ , ଶହ ଶହ ଗାଡିକୁ ଭେଦ କରି ଲକ୍ଷ୍ୟସ୍ଥଳରେ ପହଂଚିବା କାଠିକର ପାଠ ହୋଇଗଲା । କିଏ ଅଫିସ୍ ଯାଉଥିଲା ତ କିଏ ଛୁଆକୁ ସ୍କୁଲ ଛାଡିବାକୁ ଯାଉଥିଲା । ▶▶ପୃଷ୍ଠା ୭

# ୨୦୨୪ ନିର୍ବାଚନ ପାଇଁ ବିଜେପିର ପ୍ରସ୍ତୁତି



ନୂଆଦିଲ୍ଲୀ, ୦୬/୦୯ : ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି ବିଜେପି । ଓଡିଶାରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଦଳୀୟ ନେତାଙ୍କୁ ଟିପ୍ସ ଦେଇଥିବାବେଳେ ଦିଲ୍ଲୀରେ ବି ବିଜେପି ବଡ ବୈଠକ କରିଛି । ବିଜେପି ଜାତୀୟ ସଭାପତି ଜେ.ପି.ନଡ୍ଡା ଓ ବିଜେପିର ରଣନୀତିକାର ଅମିତ ଶାହ ଉପସ୍ଥିତ ଅଛନ୍ତି । ବୈଠକରେ ଦଳର ବରିଷ୍ଠ ନେତା ବି ଉପସ୍ଥିତ ଅଛନ୍ତି । ଏଥିରେ ମୁଖ୍ୟତଃ ୨୦୧୯ରେ ଯେଉଁ ୧୪୪ଟି ଲୋକସଭାରେ ଆସନରେ ବିଜେପି କମ ଭୋଟ ବ୍ୟବଧାନରେ ହାରିଥିଲା, ସେହି ସିଟଗୁଡିକ ଉପରେ ଫୋକସ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଏହି ଆସନରେ ଭଲ ଗ୍ରାଉଣ୍ଡ ୱାର୍କ କରାଯାଇପାରିଲେ ଦଳ ୨୦୨୪ରେ ଭଲ ପ୍ରଦର୍ଶନ କରିପାରିବ ବୋଲି ଆଶା ରଖିଛି । ୨୦୧୯ରେ ଏହି ୧୪୪ ଆସନରେ ଦଳ ଦ୍ୱିତୀୟ ସ୍ଥାନରେ ଥାଇ କମ ଭୋଟ ବ୍ୟବଧାନରେ ହାରିଥିଲା । ବୈଠକରେ କିଛି ମନ୍ତ୍ରୀ ବି ଯୋଗଦେଇଛନ୍ତି , ଆଉ ଏମାନଙ୍କୁ ୨ରୁ ୩ଟି ଲେଖାଁଏ ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ଦିଆଯାଇପାରେ । ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ବି ଉପସ୍ଥିତ ଅଛନ୍ତି ।

# ନୀତି ଆୟୋଗ ବୈଠକରେ ନିଷ୍ପତ୍ତି : ୮ ଟି ସରକାରୀ ସାର ପ୍ରସ୍ତୁତକାରୀ କମ୍ପାନୀର ହେବ ଘରୋଇକରଣ





ନୂଆଦିଲ୍ଲୀ, ୦୬/୦୯ : କେନ୍ଦ୍ର ସରକାର ସରକାରୀ କମ୍ପାନୀଗୁଡିକୁ ଘରୋଇକରଣ ପ୍ରକ୍ରିୟା ତୀବ୍ର କରିଛନ୍ତି । ଏହି କ୍ରମରେ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ୮ ଟି ସାର ଓ ରଶାୟନିକ କମ୍ପାନୀକୁ ଖୁବଶୀଘ୍ର ଘରୋଇ କମ୍ପାନୀମାନଙ୍କ ହାତକୁ ଟେକି ଦେବାକୁ ନିଷ୍ପତ୍ତି ନେଇଛନ୍ତି । ତିନି ସପ୍ତାହ ତଳେ ବସିଥିବା ନୀତି ଆୟୋଗ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି । ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ମୁତାବକ ରାଷ୍ଟ୍ରୀୟ କେମିକାଲ ଫର୍ଟିଲାଇଜର (ଆରସିଏଫ୍), ନ୍ୟାସନାଲ ଫର୍ଟିଲାଇଜର ଲିମିଟେଡ (ଏନଏଫଏଲ) ଏବଂ ଫର୍ଟିଲାଇଜର ଆଣ କେମିକାଲ ଟ୍ରାବଣକର ଲିମିଟେଡ (ଏଫଏସିଟି) ସମେତ ମୋଟ ୮ ଟି ସାର ଓ ରଶାୟନିକ ଉତ୍ପାଦକାରୀ କମ୍ପାନୀଙ୍କୁ ଘରୋଇ କମ୍ପାନୀ ହାତକୁ ଦିଆଯିବ । ଜାତୀୟ ଗଣମାଧ୍ୟମ ରିପୋର୍ଟ ମୁତାବକ ଏହି କମ୍ପାନୀଗୁଡିକର ବିନିଯୋଗ ପ୍ରତ୍ୟାହାର ପାଇଁ ସାର୍ବଜନୀକ ଉଦ୍ୟୋଗ ବିଭାଗ ସୁପାରିଶ କରିଥିଲେ । ଏହି କ୍ରମରେ ରାଷ୍ଟ୍ରୀୟ କେମିକାଲ ଫର୍ଟିଲାଇଜରରେ ସରକାରୀ ଅଂଶଧନ ୭୫ ପ୍ରତିଶତ, ନ୍ୟାସନାଲ ଫର୍ଟିଲାଇଜର ଲିମିଟେଡରୁ ପାଖାପାଖି ୭୪ ପ୍ରତିଶତ ଓ ଫର୍ଟିଲାଇଜର କେମିକାଲରୁ ୯୦ ପ୍ରତିଶତ ଅଂଶଧନ ରହିଛି । ସରକାର ବିନିଯୋଗ ପ୍ରତ୍ୟାହାର କରିବାକୁ ଥିବା ଫର୍ଟିଲାଇଜର କମ୍ପାନୀ ମଧ୍ୟରେ ରହିଛି ଆରସିଏଫ, ଏନଏଫଏଲ, ଏଫଏସିଟି, ମାଡ୍ରାସ ଫର୍ଟିଲାଇଜର, ଫର୍ଟିଲାଇଜର କର୍ପୋରେଶନ ଅଫ ଇଣ୍ଡିଆ, ହିନ୍ଦୁସ୍ତାନ ଫର୍ଟିଲାଇଜର ।

# ପ୍ରେମ ସମ୍ପର୍କକୁ ବିରୋଧ କରି ଯୁବକଙ୍କୁ ହତ୍ୟାକଲେ ଯୁବତୀଙ୍କ ପରିବାର ଲୋକେ



ଭୁବନେଶ୍ୱର,୦୬/୦୯ (ନି.ପ୍ର): ପ୍ରେମ କରିବାରୁ ଯୁବକଙ୍କୁ ପିଟି ପିଟି ହତ୍ୟା କରିଦେବାଭଳି ଅଭାବନୀୟ ଘଟଣା ଘଟିଛି କନ୍ଧମାଳରେ । ଘଟଣା ଘଟାଇ ମୃତଦେହକୁ ଫିଙ୍ଗିଦେଇଥିଲେ ଯୁବତୀଙ୍କ ପରିବାର । ଆଉ ମୃତଦେହ ୧୦ଦିନ ଧରି ଜଙ୍ଗଲରେ ପଡିଥିଲା । ବାଲିଗୁଡା ଥାନା ଅଂଚଳର ତଳିପଡା ଗାଁରେ ଶୁକଦେବ ରଣାକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । କଲେଜରେ ପାଠ ପଢିବାବେଳେ ଏହି ଗାଁର ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା । ଆଉ ପ୍ରେମବ୍ୟାପାରକୁ ବିରୋଧ କରି ଏଭଳି ସାଂଘାତିକ ପଦକ୍ଷେପ ନେଇଛନ୍ତି ଯୁବତୀଙ୍କ ପରିବାର ଲୋକେ । ଶୁକଦେବ ରଣାକୁ ଯେଭଳି ଭାବେ ହତ୍ୟା କରାଗଲା ତାହା କୌଣସି ଫିଲ୍ମ ଷ୍ଟାଇଲରୁ କମ ନଥିଲା । ଯୁବତୀ କଥାହେବା ବାହାନାରେ ଶୁକଦେବଙ୍କୁ ଗାଁକୁ ଡାକିଥିଲେ । ପରେ ପରିବାର ଲୋକେ ହତ୍ୟା କରି ବସ୍ତାରେ ମୃତଦେହକୁ ଜଙ୍ଗଲରେ ଫିଙ୍ଗିଦେଇଥିଲେ । ଘଟଣା ଘଟିବାର ଦଶଦିନ ପରେ ଶୁକଦେବଙ୍କ କଙ୍କାଳକୁ ଉଦ୍ଧାର କରିଛି ପୁଲିସ । ୪ଜଣଙ୍କୁ ପୁଲିସ ଗିରଫ କରି ପଚରାଉଚରା କରୁଛି । ଗିରଫଙ୍କ ମଧ୍ୟରେ ସଂପୃକ୍ତ ଯୁବତୀଙ୍କ ବାପା ବି ଅଛନ୍ତି । ୪ ଅଭିଯୁକ୍ତଙ୍କୁ ▶▶ପୃଷ୍ଠା ୭

# ଶିକ୍ଷାର ବିଚାର, ସାରାଂଶ ହେଉଛି ମନୁଷ୍ୟକୁ ମହାନ କରିବାର ପରମ୍ପରା : ଧର୍ମେନ୍ଦ୍ର



କୋଟା/ଭୁବନେଶ୍ୱର, ୦୬ ସେପ୍ଟେମ୍ବର - ଆମ ଦେଶରେ ଗୁରୁ ବା ଶିକ୍ଷକ ଓ ଅଭିଭାବକଙ୍କ ସ୍ଥାନ ଅନନ୍ୟ । ଶିକ୍ଷା ପରିବାରରେ ଗୁରୁଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧା ରହିଛି । ଆମ ସମାଜରେ ଶିକ୍ଷକ ସବୁଠୁ ଉର୍ଦ୍ଧ୍ୱରେ ଥିବା ବେଳେ ଶିକ୍ଷାର ବିଚାର, ସାରାଂଶ ମନୁଷ୍ୟକୁ ମହାନ କରିବାର ପରମ୍ପରା ବୋଲି ମଙ୍ଗଳବାର ରାଜସ୍ଥାନର କୋଟା ଠାରେ ଆୟୋଜିତ 'ଶିକ୍ଷକ ଅଭିନନ୍ଦନ ସମାରୋହ'ରେ ଯୋଗ ଦେଇ କହିଛନ୍ତି କେନ୍ଦ୍ର, ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶ ଏବେ ସ୍ୱାଧୀନତାର ୭୫ ବର୍ଷ ଯାତ୍ରା ଅବସରରେ ଅମୃତ ମହୋତ୍ସବ ପାଳନ କରୁଅଛି । ଆଗାମୀ ୨୫ ବର୍ଷ ଦେଶ ପାଇଁ ମହତ୍ତ୍ୱପୂର୍ଣ୍ଣ । ଭାରତକୁ ବିକଶିତ ଦେଶ କରିବାର ସ୍ୱପ୍ନ ସେବେ ପୂରଣ ହେବ ଯେବେ ଦେଶର ନୂଆପିଢ଼ି ଜ୍ଞାନ ଆଧାରିତ ଅର୍ଥନୀତିର ନେତୃତ୍ୱ ନେବେ । ଯୁବପିଢ଼ିଙ୍କ ସଂକଳ୍ପ ଦ୍ୱାରା ହିଁ ଏହା ସମ୍ଭବ । ଦୀର୍ଘ ଦିନର ବ୍ୟବଧାନ ପରେ ▶▶ପୃଷ୍ଠା ୭

# ୫ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ଭୁବନେଶ୍ୱର,୦୬/୦୯ (ନି.ପ୍ର): ଆସନ୍ତାକାଲି (୭ସେପ୍ଟେମ୍ବର)ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ୪୮ଘଂଟା ମଧ୍ୟରେ ଅର୍ଥାତ୍ ୯ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ ସୃଷ୍ଟି ହେବ । ଏହାର ପ୍ରଭାବରେ ୯ ତାରିଖରୁ ବର୍ଷା ବଢିବ । ତେବେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତାକ ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଗଜପତି, ରାୟଗଡା, କୋରାପୁଟ ଓ ନବରଙ୍ଗପୁରରେ ଅଧିକ ବର୍ଷା ହୋଇପାରେ । ଏଥିପାଇଁ ଏହି ୨୩ ଟି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୭ ରୁ ୮ ତାରିଖ ମଧ୍ୟରେ ଗଂଜାମ, ଗଜପତି, ରାୟଗଡା ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ପୁସ୍ତକ ଲୋକାର୍ପଣ ଓ କବିତା ଆସର

ନୂଆପଡ଼ା,୬/୦୯ (ନି.ପ୍ର): ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ଓ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଙ୍କ ମିଳିତ ଆନୁକୂଲ୍ୟରେ ଏମ୍.ପି.ହଲରେ ପୁସ୍ତକ ଲୋକାର୍ପଣ ଓ କବିତା ଆସର ଅନୁଷ୍ଠିତ ହୋଇ ଯାଇଛି । ଉଦଘାଟନୀ ସମାରୋହରେ ଗବେଷଣା ପ୍ରତିଷ୍ଠାନର ସଭାପତି ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ କବି ଜୟଦ୍ରଥ ସୁନା, କଳାହାଣ୍ଡି, ପ୍ରତିଷ୍ଠାନ ର ସମ୍ପାଦକ ଶ୍ରୀମତୀ ନୀଳିମା ରାଣୀ ସାଗର, କୋଷାଧ୍ୟକ୍ଷ ଶ୍ରୀମତୀ ଜୟଶ୍ରୀ ଦଣ୍ଡସେନା,କବି ମିୟୋଗ ରଞ୍ଜନ ପାତ୍ର ଓ ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ ମଞ୍ଚାସୀନ ଥିଲେ । ବାଗଦେବୀ ସରସ୍ୱତୀଙ୍କ ପ୍ରତିଚ୍ଛବିରେ ଅତିଥିବୃନ୍ଦ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କଲାପରେ ବିଶିଷ୍ଟ କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅର୍ଜୁନ ଛତ୍ରିଆ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହା ପରେ ନୂଆପଡ଼ା ଜିଲ୍ଲା ର ୧୦୬ ଜଣ କବିଙ୍କ ସ୍ୱରଚିତ କବିତା କୁ ନେଇ ସଂକଳିତ ତଥା ସଂଜିବନୀ ସୁଧା ରଥ,ନୀଳିମା ରାଣୀ ସାଗର ଓ ଜୟଶ୍ରୀ ଦଣ୍ଡସେନା ଙ୍କ ଦ୍ୱାରା ଯୁଗ୍ମ ସଂପାଦିତ ' ମାରାଗୁଡା ମହ୍ଲାର 'ର ଶୁଭ ଉନ୍ମୋଚନ ହୋଇଥିଲା । ସଂକଳନ ର ପ୍ରତିଟି କବିତା ନିଜସ୍ୱ ବର୍ଣ୍ଣବିଭାରେ ଉଚ୍ଛକିତ, ଭାବଗର୍ଭକ ଓ ପ୍ରତିବେଦିତ ହେବା ସହିତ ମାରାଗୁଡାର ଅସ୍ମିତାକୁ ଆହୁରି ଋଦ୍ଧିମନ୍ତ କରି ପାରିଛି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ମିୟୋଗ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କଲାପରେ ସଭା ସାଙ୍ଗ ହୋଇ ଥିଲା ।

ଏହା ପରେ ପ୍ରଥମ ପର୍ଯ୍ୟାୟ କବିତା ଆସର ଅନୁଷ୍ଠିତ ହୋଇଥିଲା । ଗବେଷଣା ପ୍ରତିଷ୍ଠାନ ର ସଭାପତି ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପାଠୋତ୍ସବ ର ବରେଣ୍ୟ ମୁଖ୍ୟ ଅତିଥି ଭାବେ ବର୍ଷିୟାନ ସାହିତ୍ୟିକ ଶ୍ରୀ ବଳଭଦ୍ର ମହାନ୍ତି ଯୋଗଦାନ କରିଥିବାବେଳେ ସଂଯୋଜକ - ସଂଯୋଜିକା ଭାବରେ ଯୁବ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ଓ କବୟିତ୍ରୀ ନିକିତା ମହାଉତି ମଞ୍ଚାସୀନ ଥିଲେ । ଅଧ୍ୟାପକ ରୁଦ୍ର ମାଧବ ବାରିକ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ପର୍ଯ୍ୟାୟରେ ୩୦ ଜଣ କବି କବିତା ପାଠ କରିଥିଲେ । ଶ୍ରୀ କିଶୋର ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବରେ ଗବେଷଣା ପ୍ରତିଷ୍ଠାନ ର ସମ୍ପାଦକ ଶ୍ରୀମତୀ ନୀଳିମା ରାଣୀ ସାଗର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ କବି ପ୍ରବୋଧ ହୋତା, ନୂଆପଡ଼ା, କବିତା ସଂଯୋଜନା ରେ କବି ଲଳିତ କୁମାର ସୁନାରୀ, ସିନାପାଲି ଓ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଣ୍ଡ, ଖଡ଼ିଆଳ ମଞ୍ଚାସୀନ ଥିଲେ । ହାଇକୋର୍ଟ ଆଇନଜୀବୀ ବିଭୁଦତ୍ତ ଚଲାନ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଆସରରେ ୩୨ ଜଣ କବି କବିତା ପାଠ କରିଥିଲେ । କବୟିତ୍ରୀ ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଗବେଷଣା ପ୍ରତିଷ୍ଠାନ ର କୋଷାଧ୍ୟକ୍ଷ ଶ୍ରୀମତୀ ଜୟଶ୍ରୀ ଦଣ୍ଡସେନା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ କବିତା ଆସର ର ବରେଣ୍ୟ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ତଥା କବି ଜିତେନ୍ଦ୍ର ନାଥ ପଟ୍ଟନାୟକ ଯୋଗଦାନ କରିଥିବାବେଳେ ସଂଯୋଜକ ଅଧ୍ୟାପକ ଧ୍ରୁବଚରଣ ପଧାନ, ସିନାପାଲି ଓ ସଂଯୋଜିକା ଭାବେ କବୟିତ୍ରୀ ମନୋରମା ରଥ , ଖଡ଼ିଆଳ କବିତା ସଂଯୋଜନା କରିଥିଲେ । କବୟିତ୍ରୀ ପ୍ରଭାସିନୀ ଯୋଷୀ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅଧିବେଶନରେ ୩୦ ଜଣ କବି କବିତା ପାଠ କରିଥିଲେ । କବି ଶିରୀଶଙ୍କର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାରସ୍ୱତ ସମାବେଶରେ ଖଡ଼ିଆଳ ରାଜା ସାହେବ ଡଃ ଜିତାମିତ୍ର ସିଂହ ଦେବ, ରାଣୀ ଡଃ ରାଜଶ୍ରୀ ଦେବୀ, ଡଃ ଫଣିନ୍ଦମ ଦେଓ, ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ, ଡଃ ମହେନ୍ଦ୍ର କୁମାର ମିଶ୍ର, କବି ନୀଳଲୋହିତ ସିଂହ ଦେବ, କବୟିତ୍ରୀ ସୁନୀତି ମୁଣ୍ଡ, ବିଶ୍ୱଜିତ ପାଢ଼ୀ, ଡଃ କପିଳେନ୍ଦ୍ର ଦାସ, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ, ପ୍ରାଧ୍ୟାପକ ସାମୁଏଲ ଦାନୀ, ଡଃ ସୁଶାନ୍ତ କୁମାର ବିଶି, ଡଃ ପଦ୍ମ ଲୋଚନ ବର୍ମା,ଯୁବକବି ବୈଷ୍ଣବ ମେହେର, ଶଶିକାନ୍ତ ଖମାରୀ, ପବିତ୍ର ମୋହନ ପ୍ରଧାନ,ଅମୀୟ ଦାସ,ଯୁଗଳ କିଶୋର ମିଶ୍ର, ଶ୍ରୀମତୀ ପ୍ରମୋଦିନୀ ପଣ୍ଡା, ଲବଣେଶ୍ୱର ବାରିକ, ବିଭୂତି ଭୂଷଣ ଦାସ, ଅଧ୍ୟାପକ ବିଜୟ କୁମାର ବାରିକ,ଆଦିତ୍ୟ ନାରାୟଣ ପଣ୍ଡା, ଅବକାଶ ନାରାୟଣ ପଣ୍ଡା,ନୃପରାଜ ତାଣ୍ଡି,ସନାତନ ମହାନ୍ତି, କୃଷ୍ଣ ରାଜ ମହାପାତ୍ର,ତିଲ ରାଉତ, ମହେନ୍ଦ୍ର ସୁନାନୀ, ଚତୁର୍ଭୁଜ ସିଂ ଦେଓ, ମାୟାଧର ସରାଫ, ଖଗେଶ୍ୱର ବାଗ, ସତ୍ୟବ୍ରତ ଗହୀର, ସୁନୀଲ କୁମାର ସାହୁ,ପ୍ରେମାନିଧି ପ୍ରଧାନୀ, ଅଧ୍ୟାପକ ଗଣପତି ବାଗ, ପବିତ୍ର ମୋହନ ସା, ଅମୂଲ୍ୟ ମୁଣ୍ଡ,ଡୋଲାମଣି ଦଣ୍ଡସେନା, ଭବତୋଷ ଦାସ, ବିଜୟ କୁମାର ଯୋଷୀ, ପ୍ରଦ୍ୟୁମ୍ନ କୁମାର ଚିନ୍ଦା, ମୁରଲୀଧର ସା,ପରେଶ ନାଥ ପାଣିଗ୍ରାହୀ, ଗୌତମ ମେହେର, ଡଃ ଗୀତାଶ୍ରୀ ପ୍ରିୟମ୍ବଦା, ଶୁଭ୍ରାଂଶୁ ଜେନା,ଶୈଳେଶ ବନଛୋର, ବଂଶୀଧର ଜଗତ, ଶିବପ୍ରସାଦ ସା, ସଂଗ୍ରାମ ସିଂ ଠାକୁର,ଖରତ ଚନ୍ଦ୍ର ବାରିକ, ବଳଦେବ ରାଉତ,ତୁମେଶ୍ୱର ଚଲାନ,କନକ ବର୍ଦ୍ଧନ ସାହୁ, ଡଃ ସ୍ୱର୍ଣ୍ଣଲତା ଦାଶ ଓ ମୋହନ ଚରଣ ଦାସ ପ୍ରମୁଖ ସହଯୋଗ କରିଥିଲେ । ସମାବେଶରେ ଶତାଧିକ କବି ଯୋଗଦାନ କରିଥିଲେ ।

## ଓମଫେଡ ଗାଡି ଆଗରେ ଧାରଣା ଦେଲେ ମହିଳା

ଜୟପୁର,୬/୦୯ (ନି.ପ୍ର): ଜୟପୁର ଢେପଗୁଡା ନେହୁରୁ ନଗର ନିକଟରେ ରାସ୍ତା ଅବରୋଧ କରି ଓମଫେଡ ଗାଡି ଆଗରେ ଧାରଣା ଦେଲେ ମହିଳା। ଢେପଗୁଡା ନେହୁରୁ ନଗର ଅଞ୍ଚଳ ରେ ଦୀର୍ଘ ୭ ଦିନ ହେବ ପାନୀୟ ଜଳ ଠିକ ଭାବେ ଆସୁନାହିଁ । ତେଣୁ ସାହି ବାସିନ୍ଦା ପାଣି ନେବାକୁ ଆସିଥିବା ଓମଫେଡ ଗାଡିକୁ ଅଟକ ରଖି ଧାରଣା ଦେଇଥିଲେ । ଓମଫେଡରି ପ୍ରତ୍ୟେକ ଦିନ ୯ଟି ଗାଡି ପାଖା ପାଖି ୫୦ ହଜାରୁ ୬୦ ହଜାର ଲିଟର ପାଣି ନେଉଛି । ଆଗରୁ ହାତି ଶାଳ ଟେଙ୍କରୁ ଓମଫେଡ ପାଣି ନେଉଥିବା ବେଳେ ୭ ଦିନ ହେବ ଢେପଗୁଡା ଟେଙ୍କରୁ ପାଣି ନେଇଛି । ଫଳରେ ପାନୀୟ ଜଳରେ ଅସୁବିଧା ହେଉଥିବା ଦାବି କରି ରାସ୍ତା ରୋକ ସହ ଧାରଣା ଦେଇଥିଲେ। ପରେ ବିଭାଗୀୟ ଏସଡିଓ ଆସି ବୁଝା ସୁଝା କରିବାକୁ ଧାରଣାରୁ ଓହରି ଓମଫେଡ ଟେଙ୍କରକୁ ଛାଡିଥିଲେ ।

## ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା,୬/୦୯ (ନି.ପ୍ର): ଖୋର୍ଦ୍ଧା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୯୩ ଗୋଟି ଆପତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ସମସ୍ତ ୮୮ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୫ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ,ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ବିଡିଓ କ୍ଷିରାବ୍ଧି ତନୟା ସାହୁ, ତହସିଲଦାର ଇପସିତ ସାହୁ, ସାଧାରଣ ଅଭିଯୋଗ ଡେପୁଟି କଲେକ୍ଟର ସୁଚେତା ମହାପାତ୍ର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୀବନ ବୀମା ଅଭିକର୍ତା ସଂଗଠନ ପକ୍ଷରୁ ବିଶ୍ରାମ ଦିବସ ପାଳନ

ବଲାଙ୍ଗିର,୦୫ ସେପଟ୍ମ୍ବର (ହି.ସ.)ଜୀବନ ବୀମା ଅଭିକର୍ତା ମାନଙ୍କ ବିଭିନ୍ନ ଦାବି ନେଇ ସର୍ବ ଭାରତୀୟ ସ୍ତରରେ ଚାଲିଥିବା ଆନ୍ଦୋଳନର ଅଂଶ ସ୍ୱରୁପ ବଲାଙ୍ଗିର ଶାଖା ଅଭିକର୍ତା ସଂଗଠନ ପକ୍ଷରୁ ସେପଟ୍ମ୍ବର ୫ ତାରିଖ ବିଶ୍ରାମ ଦିବସ ପାଳନ କରାଯାଇଛି । ଜୀବନ ବିମା ନିଗମ ପକ୍ଷରୁ ଚାଲିଥିବା ବିମା ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଧ କୌଣସି ଅଭିକର୍ତା ଅଂଶଗ୍ରହଣ ନ କରି ଅସହଯୋଗ କରିଛନ୍ତି । ଅଭିକର୍ତାମାନଙ୍କ କମିଶନ ବୃଦ୍ଧି, ପେନସନ ସ୍କିମ ଲାଗୁ, ମେଡିକ୍ଲେମ ସୁବିଧା, ଅଭିକର୍ତା ମଙ୍ଗଳ ପାଣ୍ଠି ସୃଷ୍ଟି, ପଲିସି ଧାରକଙ୍କ ବୋନସ ବୃଦ୍ଧି, ଗ୍ରାଚ୍ୟୁଇଟି ରାଶି ବୃଦ୍ଧି, ସମସ୍ତ ପ୍ରିମିୟମ ସଂଗ୍ରହ କେନ୍ଦ୍ର ପରିଚାଳନା ଫି ବୃଦ୍ଧି କରାଯିବା, ଜିଏସ୍‌ଟି ଉଚ୍ଛେଦ ଆଦି ବିଭିନ୍ନ ଦାବି ସମୁହକୁ ନେଇ ଅଭିକର୍ତାମାନଙ୍କ ଜାତୀୟ ସ୍ତରର ମହା ସଂଗଠନ ଲିଆଫି ପକ୍ଷରୁ ବାରମ୍ବାର କେନ୍ଦ୍ର ସରକାର ତଥା ନିଗମ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ୱେ ଅଭିକର୍ତାମାନଙ୍କ ପ୍ରତି ଚରମ ଅବହେଳାକୁ ନେଇ ଆନ୍ଦୋଳନ ଡାକରା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଶାଖା ତଥା ସୋନପୁର, ପାଟଣାଗଡ ଓ ଡୁଙ୍ଗୁରିପାଲି ଉପ କାର୍ଯ୍ୟାଳୟ ଗୁଡିକରେ ଶାନ୍ତିପୁର୍ଣ୍ଣ ଭାବେ ଆନ୍ଦୋଳନ କରିଛନ୍ତି ଓ ଏହି କାର୍ଯ୍ୟ ଦିବସରେ ବିମା କାର୍ଯ୍ୟାଳୟ ଗୁଡିକ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଅଭିକର୍ତା ସଂଗଠନ ସଭାପତି ଅସୀମ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପାଣିଗ୍ରାହୀ, ପ୍ରତାପ ସାହୁ, କହ୍ନେଇଲାଲ ମେହେର, ଡମ୍ବୁରୁଧର ମେହେର, ଗୋଲେକ ବିହାରୀ ସାହୁ, ସାଧାରଣ ସଂପାଦକ ସରୋଜ କୁମାର ଭୋଇ, କୋଷାଧ୍ୟକ୍ଷ ସାଧୁରାମ ପୃଷ୍ଟି, ଯୁଗ୍ମ ସଂପାଦକ ସଂଜିବ କୁମାର ମିଶ୍ର, ସମୀର କୁମାର ପ୍ରଧାନ, ପୁରନ୍ଦର ମିଶ୍ର, ବରିଷ୍ଠ ଅଭିକର୍ତା ଗିରିଧାରୀ ପାତ୍ର, ସୁରେନ୍ଦ୍ର ଅଶ୍ୱପାଳ, ଶ୍ରୀକାନ୍ତ ମିଶ୍ର, ରାମଜୀ ପ୍ରସାଦ ମିଶ୍ର, ଜୟ ମଙ୍ଗଳ ବିଶ୍ୱାଳ, ଭକ୍ତବନ୍ଧୁ ପଟେଲ, ପ୍ରଭାତ ଶ୍ରୀବାସ୍ତବ, ଲୋକନାଥ ମିଶ୍ର, ଘଡି ଗୋପାଳ ଭୋଇ, ଅଜିତ କର, ପ୍ରହଲ୍ଲାଦ ପଣ୍ଡା, ଧନେଶ୍ୱର ମଲ୍ଲିକ, ରଂଜିତ ରାଜ ସାହୁ, କୃତିବାସ କର୍ମି ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳାତ୍ମକ କାର୍ଯ୍ୟକ୍ରମ ପରିଚାଳିତ ହୋଉଥିବା ବେଳେ ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ଶତାଧିକ ଅଭିକର୍ତା ଅଂଶଗ୍ରହଣ କରିଥିବା ସଂଗଠନ ପକ୍ଷରୁ ପ୍ରକାଶ ।

# ନାଗରିକ ମଂଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ୧୫ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୬/୦୯ (ନି.ପ୍ର): ଜିଲ୍ଲା ସଚେତନା ନାଗରିକ ମଂଚ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଏକ ୧୫ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଜିଲ୍ଲାର ୧୫ ଲକ୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କ ପାଇଁ ତଥା ଜିଲ୍ଲାର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ଭୁଜିବାକୁ ପ୍ରତିଶୃତି ଦେଇଥିବାରୁ ଆବାହକ ରମଣି ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଦାବି ଗୁଡିକ ଉପସ୍ଥାପନ କରାଯାଇଛି । ଜିଲ୍ଲାରେ ଖାଲି ପଡିଥିବା ସମସ୍ତ ଡାକ୍ତରୀ ପଦବୀ ପୁରଣ କରିବା, ଶ୍ୟାମଗୁଡିଆ ଠାରେ ନିର୍ମାଣ କରାଯାଇ ଥିବା ଶିଶୁ ମାତୃ ଚିକିତ୍ସାଳୟ କାର୍ଯ୍ୟକାରୀ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବର୍ହିବିଭାଗରେ ରୋଗୀ ଦେଖିବାକୁ ଅଭିଜ୍ଞ ଡାକ୍ତର ନିଯୁକ୍ତି ଦେବା, ଲାବ୍ରୋଟାରୀକୁ କାର୍ଯ୍ୟକ୍ଷମ କରି ଏକ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ସ୍ଥାପନ କରିବା ପ୍ରଭୃତି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଚେତନା ନାଗରିକ ମଂଚର ସୁହାନା ବେଗମ, ଦୁର୍ଗା ଚରଣ ପତି, ମହମ୍ମଦ ଇଲିଆସ ପ୍ରମୁଖ ଉପସ୍ଥିତ ଥିଲେ ।

# ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚାଇବା ପ୍ରତିବାଦରେ ସିପିଆଇର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ଜୟପୁର ,୬/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ସିପିଆଇ ତରଫରୁ ପଦ୍ମଶ୍ରୀ କମଳା ପୂଜାରିକୁ ହସ୍ପିଟାଲରେ ନଚାଇବା ଘଟଣାକୁ ନିନ୍ଦା କରିଛି । ଏନେଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ସିପିଆଇର ନେତା ଓ କର୍ମୀମାନେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପଜିଲାପାଳଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଡ କଲେକ୍ଟର ଜ୍ୟୋତି ରାଣି ରଥଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛି । କୋରାପୁଟ ଜିଲ୍ଲା ତଥା ଓଡିଶାର ଗର୍ବ ଓ ଗୌରବ ପଦ୍ମଶ୍ରୀ କମଳା ପୁଜାରୀଙ୍କ ସହ ସ୍ୱଘୋଷିତ ମହିଳା ସମାଜସେବୀ କଟକ ଏସସିବି ମେଡିକାଲ କଲେଜକୁ ଯାଇ ସେଠାରେ ରହି ବାରମ୍ବାର ଫଟୋ ଉଠାଇ ଏବଂ ବଭିନ୍ନ ବରିଷ୍ଠ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହ କଥା ହୋଇ ନିଜର ଫାଇଦା ଉଠାଇବା ଲକ୍ଷ୍ୟରେ ଏପରି କରିଛନ୍ତି । ପଦ୍ମଶ୍ରୀ କମଳା ପୁଜାରୀ ଆଇସିୟୁରେ ଥିବା ବେଳେ ସେଠାକୁ ଯିବା ପାଇଁ ମହିଳା ସମାଜସେବୀଙ୍କୁ କିଏ ଅନୁମତି ଦେଲା। ପଦ୍ମଶ୍ରୀ କମଳା ପୁଜାରି ରୋଗ ଶଯ୍ୟାରେ ଥିବା ବେଳେ ତାଙ୍କୁ ଏଭଳି ନଚେଇବା ତାଙ୍କ ପ୍ରତିଷ୍ଠା ଓ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି । ସମାଜସେବୀ ଜଣକ ଫଟୋ ଭିଡିଓ ଉତ୍ତୋଳନ କରି କାହାକୁ ପଠାଉ ଥିଲେ ତାହା ମଧ ତଦନ୍ତ କରିବା ସହ ରାଜ୍ୟ ସରକାର ତୁରନ୍ତ ଏହାର ତଦନ୍ତ କରି ମହିଳା ସମାଜସେବୀଙ୍କ ଉପରେ ଦୃଢରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି । ଏହି ବିକ୍ଷୋଭରେ ଆଦିବାସୀ ମହାସଭାର ରାଜ୍ୟ ସଭାପତି ହଳଧର ପୁଜାରି, ବରିଷ୍ଠ ନେତା ପ୍ରମୋଦ ମହାନ୍ତି, ରାମ କୃଷ୍ଣ ଦାସ, ସତ୍ୟ ବ୍ରତ ନନ୍ଦ, ନନ୍ଦ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

# ମନସୁନ କ୍ରିକେଟ ଲିଗ : ଡିଏଚ୍‌ଏଚ୍ ଚମ୍ପିୟନ ଓ ପୋଲିସ ଟିମ ରନର୍ସ ଅପ

କନ୍ଧମାଳ ,୬/୦୯ (ନି.ପ୍ର): ଫୁଲବାଣୀ ରିଜର୍ଭ ପୋଲିସ ପଡ଼ିଆ ଠାରେ ପୋଲିସ ରିଜର୍ଭ ଇନସପେକ୍ଟର ତଥା କ୍ରିକେଟ ପ୍ରେମୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦୁଇ ଦିନିଆବନ୍ଧୁତ୍ୱ ପୁର୍ଣ ମନସୁନ କ୍ରିକେଟ ଲିଗ ମ୍ୟାଚରେ ଡିଏଚ୍‌ଏଚ୍ ଟିମ ଚମ୍ପିୟାନ ହୋଇଥିବାବେଳେ ପୋଲିସ ଟିମରନର୍ସ ଅପ ହୋଇଛି।

ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟସ ଜିତି ପ୍ରଥମେ ଡିଏଚଏଚ୍ ଟିମ ବ୍ୟାଟିଙ୍ଗ କରି ୧୦ ଓ ଭର ରେ ୫ ଉଇକେଟ ହରାଇ ୮୪ରନ ସଂଗ୍ରହ କରିଥିବା ବେଳେ ପୋଲିସ ଟିମ ସମସ୍ତ ଉଇକେଟ ହରାଇ ୯,୪ ଓଭରରେ ୬୨ରନ ସଂଗ୍ରହ କରିଥିଲା

ସେହିପରି ଗତକାଲି ରବିବାରସକାଳେ ଅନୁଷ୍ଠିତ ପ୍ରେସ ଟିମ ସହ ଇଂଜିନିୟର ଟିମ ଟି - ୧୦ ମ୍ୟାଚରେ ପ୍ରେସ ଟିମକୁ ହରାଇ ଇଂଜିନିୟର ଟିମ ବିଜୟୀ ହୋଇଥିଲା ଓ ଅପରାହ୍ନରେ ଡିଏଚଏଚ୍ ଟିମ ଭଲ ଖେଳ ପ୍ରଦର୍ଶନ କରି ପୋଲିସ ଓ ଇଂଜିନିୟର ଟିମକୁ ପରାସ୍ତ କରି ବିଜୟୀ ହୋଇଥିଲା। ଆଜି ସୋମବାର ସକାଳେ ଅନୁଷ୍ଠିତ ପ୍ରେସ ଓଡିଏଚ୍‌ଏଚଓ ପ୍ରେସ ଟିମ ସହ ପୋଲିସ ଟିମ ମଧ୍ୟରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ପ୍ରେସ ଟିମ ଉଭୟଙ୍କଠାରୁ ପରାସ୍ତ ହୋଇଥିଲା ।

ଏହି ଅବସରରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ଉପସ୍ଥିତ ରହି ବିଜେତା ଡିଏଚଏଚ ଦଳକ୍ୟାପଟେନ ଡ଼. ଏମ. ଶିବାନନ୍ଦ ଓ ରନର୍ସଅପଦଳର କ୍ୟାପଟେନଙ୍କୁ କପ ପ୍ରଦାନ କରିଥିଲେ । ସେହିପରି ମ୍ୟାଚରେ ଅଂଶଗ୍ରହଣ କରିଥିବା ପ୍ରେସ ଟିମ କ୍ୟାପଟେନ ଶିବପ୍ରସାଦ ନାୟକ ଓ ଇଂଜିନିୟର ଦଳ କ୍ୟାପଟେନ କୁ ପାର୍ଟି ସିପେଣ୍ଟକପ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ସାମ୍ବାଦିକ ସୁଧୀର ମହାରଣା। ଙ୍କୁ ମିଳିଥିଲା।

ଏଭଳି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚନିର୍ଣ୍ଣିତ ଭାବେ ପରସ୍ପର ମଧ୍ୟରେ ସ୍ନେହ, ସଦଭାବ, ଭାଇଚାରା ବର୍ଦ୍ଧି କରିବ ବୋଲି ଆୟୋଜକ ଆର. ଆଇ.ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ।

ଆଗାମୀ ଅକ୍ଟୋବର ଶେଷ ବେଳକୁ ସହି ଦ ସପ୍ତାହ ଅବସରରେ ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୬ଟି ଦଳ କୁ ନେଇଏକ ବଡ଼ ଧରଣର କ୍ରିକେଟ ମ୍ୟାଚ କରାଯିବା ନେଇ ଚିନ୍ତା କରାଯାଉଥିବା ସେ କହିଛନ୍ତି ।

# ଅଭିଯୋଗ ଶୁଣାଣି ଶିବିରରେ ୪୮ଗୋଟି ଅଭିଯୋଗର ଶୁଣାଣି

ଝାରସୁଗୁଡ଼ା ,୬/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମହାସମାଧାନ ଶିବିରରେ ଆଜି ମୋଟ ୪୮ଗୋଟି ଅଭିଯୋଗ ଶୁଣାଣି ହୋଇଛି । ଏଥି ମଧ୍ୟରୁ ୯ଟି ସାମୁହିକ ଓ ୩୯ଟି ବ୍ୟକ୍ତିଗତ। ଝାରସୁଗୁଡ଼ା ପୌରପାଳିକାର ୫ନମ୍ବର ୱାର୍ଡ ବବୁଆ ବଗିଚା ଅଞ୍ଚଳରେ ନର୍ଦ୍ଦମା ସଫା , ଅଲଟ୍ରାଟେକ କାରଖାନା ଜମି ଅଧିଗ୍ରହଣ ବାବଦକୁ କ୍ଷତି ପୂରଣ ,ବେଦାନ୍ତ ଦ୍ୱାରା ଭାଗିପାଲି ଗ୍ରାମର ବିସ୍ଥାପିତ ସମସ୍ୟା , ଭୁର୍କାମୁଣ୍ଡା ଗ୍ରାମକୁ ଅଧିଗ୍ରହଣ , ଝାରସୁଗୁଡ଼ା ବସଷ୍ଟାଣ୍ଡରୁ କାଳି ମନ୍ଦିର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ , ପୁରୁଣାବସ୍ତିରେ ପୋଖରୀ ପୁନରୁଦ୍ଧାର , ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା ପ୍ରଭାବିତ ଖପରାପାଲି ଗ୍ରାମର ୨୪୦ଜଣଙ୍କୁ ଥଇଥାନ , ବୃନ୍ଦାବନ କଲୋନୀରେ ସରକାରୀ ଜମି ଅବରୋଧ ଓ ତେଲେନପାଲି ଶାସ୍ତ୍ରୀ ନଗରଠାରେ ଘରବାରି ପାଇଁ ସ୍ଥାୟୀ ଜମା ପଟ୍ଟା ପ୍ରଦାନ ଆଦି ୯ଟି ସାମୁହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ସେହିପରି ଜମିଜମା ବିବାଦ, ଚିକିତ୍ସା ସକାଶେ ଆର୍ଥିକ ସହାୟତା , ପଲସଦା ସ୍କୁଲ କାମ ବାବଦକୁ ବକେୟା ପ୍ରାପ୍ୟ , ଗ୍ରୀନଡୋଲା ଆଶ୍ରମ ସ୍କୁଲରେ ସେବକ ପୁନଃ ଚାକିରୀରେ ଯୋଗଦାନ , କଳାକାର ଭତ୍ତା , ମ୍ୟୁନିସିପାଲିଟି ଦୋକାନ ଗୃହ ଯୋଗାଣ , ବାସଗୃହ ମରାମତି , ଖତିୟାନ ସଂଶୋଧନ , କୋଲାବିରା ବ୍ଲକର ଖୁନାପାଲି ଗ୍ରାମରେ ପୂର୍ତ୍ତ ବିଭାଗ ଦ୍ୱାରା ରୟତି ଜମି ଉପରେ ରାସ୍ତା ନିର୍ମାଣ , ବାସହୀନଙ୍କୁ କଲୋନୀ ଗୃହ ଯୋଗାଣ ଓ ଚାଷ ଜମିରୁ ଜଳ ନିଷ୍କାସନ ସମ୍ପର୍କିତ ୩୯ଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଶିବିରରେ ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ୍ ପାଣ୍ଠିରୁ ୫ଜଣଙ୍କୁ ୨୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏ ଦିଗରେ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ଶୁଣାଣି ହୋଇଥବା ଅଭିଯୋଗଗୁଡ଼ିକ ସମ୍ପର୍କରେ ସମୀକ୍ଷା କରି ସମାଧାନ ହୋଇ ନଥିବା ଅଭିଯୋଗଗୁଡିକ ସମ୍ପର୍କରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ , ଡି ଏଫ୍ ଓ ଲଳିତ କୁମାର ପାତ୍ର , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ , ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ ଓ ଗିତିକା ନାଏକ, ଆସିଷ୍ଟାଣ୍ଟ କଲେକ୍ଟର କିଶୋର ସାହୁ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଭାଙ୍ଗି ଯାଉଥିବା ପରିବାରକୁ ଯୋଡିଲେ ବିଚାରପତି

କେନ୍ଦ୍ରାପଡ଼ା,୬/୦୯ (ନି.ପ୍ର): ଭାଙ୍ଗି ଯାଉଥିବା ପରିବାରକୁ ବିଚାରପତି ଯୋଡିଥିବା ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲା ପରିବାର ଅଦାଲତର ବିଚାରପତି ବିକାଶ ଚନ୍ଦ୍ର ଦେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ମନମାଳିନିକୁ ଅନ୍ତ ଘଟାଇ ଭଙ୍ଗା ପରିବାରକୁ ଯୋଡିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ନିକିରାଇ ଥାନା ଅନ୍ତର୍ଗତ ଘିଗିଡିଆ ଗ୍ରାମର ଦିଲିପ କୁମାର ବାରିକଙ୍କ କନ୍ୟା ପୁଷ୍ପଲତା ୨୦୦୬ ମସିହାରେ ଡେରାବିଶ ଥାନା ଅନ୍ତର୍ଗତ ଖମୋଲ ଗ୍ରାମର ମାଧବନନ୍ଦ ବାରିକଙ୍କ ପୁଅ ପ୍ରତାପଙ୍କୁ ବିବାହ କରିଥିଲେ । ଉଭୟଙ୍କ ମଧ୍ୟରେ ମନମାଳିନି ହେବାରୁ ସ୍ୱାମୀ ପ୍ରତାପ ବିବାହ ବିଚ୍ଛେଦ ପାଇଁ ପରିବାର ଅଦାଲତରେ ସିପି ୨୫୫/୨୧ରେ ଏକ ମାମଲା ରୁଜୁ କରିଥିଲେ। ବିଚାରପତି ଶ୍ରୀ ଦେ ଏବଂ କାଉନସିଲର ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରାଇ ମନମାଳିନିର ଅନ୍ତ ଘଟାଇ ସ୍ୱାମୀ ସ୍ତ୍ରୀ ଭାବରେ ସଂସାର ଗଢିବା ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ଉଭୟ ପକ୍ଷ ରାଜିହୋଇ ହସଖୁସିରେ ପୁତ୍ର ସନ୍ତାନ ସହ ନିଜ ଘରକୁ ଫେରିଛନ୍ତି ।

# ମଦ ମୁକ୍ତି ଯୁବ ବାହିନୀର ଯୁବ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରାଇ,୬/୦୯ (ନି.ପ୍ର): ପାଣିକୋଇଲିସ୍ଥିତ ମା ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଦ ମୁକ୍ତ ସଙ୍କଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାସହ କେଉଁଝର, ଭଦ୍ରକ, ଯାଜପୁର ଜିଲ୍ଲାରୁ ଆସିଥିବା ଶତାଧିକ ଯୁବକମାନଙ୍କୁ ନେଇ ଯୁବ ସମ୍ବାଦ ଅନୁଷ୍ଠିତ ହୋଇଛି । ମଦ ଦୋକାନ ଯୋଗୁ ସାଧାରଣ ପରିବାର ଗୁଡିକ କିପରି ଉଜୁଡି ଯାଉଛି ଏବଂ ମୁଖ୍ୟସ୍ରୋତ ସାମାଜିକ ଓ ରାଜନୈତିକ ଶକ୍ତିଗୁଡ଼ିକ କିପରି ଏହି ଗମ୍ଭିର ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି । ତାହା ଆଲୋଚନାର ମୁଖ୍ୟ ବିଷୟ ଥିଲା । ସରକାରଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଓଡ଼ିଶାର ଗାଁ ଗହଳୀ ସହର ବଜାରରେ ୪୩୦୦ଶହରୁ ଅଧିକ ମଦ ଦୋକାନ ଖୋଲିଛି । ସରକାର ହିଁ ପ୍ରବଳ ଜନମତର ଚାପରେ ସେଗୁଡିକୁ ବନ୍ଦ କରିପାରିବ । ଏଥି ପାଇଁ ଜନଜାଗରଣର ଆବଶ୍ୟକତା ଥିବାବେଳେ ସୁତ୍ରଧର ଓଡ଼ିଶାର ସ୍ୱାଭିମାନୀ ଯୁବକଟିଏ ହୋଇପାରେ ବୋଲି ମତପ୍ରକାଶ ପାଇଛି। ଏଥିପାଇଁ ସେହି ଯୁବକମାନଙ୍କୁ ସମାଜ କଲ୍ୟାଣର ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯରାନରେ ଯୋଡ଼ିବା ନିମିତ ମଦ ମୁକ୍ତି ଯୁବବାହିନୀ ଯୁବ ସମ୍ବାଦମାନ ଆୟୋଜିତ କରିଥାଏ ବୋଲି ଯୁବ ବାହିନୀର ଅବାହକ ଶ୍ରୀ ସତ୍ୟବ୍ରତ ପୃଷ୍ଟି ପ୍ରକାଶ କରିଥିଲେ। ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ ପାଣିକୋଇଲି ବଜାରରେ ଏକ ମାନବ ଶୃଙ୍ଖଳ କରାଯାଇଥିଲା ।

# ପାଣିକୋଇଲି ପୁଲିସର ଲଜ୍ ଉପରେ ଚଢ଼ାଉ ମାମଲା : ପୁଣି ୨ ଅଦାଲତ ଚାଲାଣ

କୋରାଇ,୬/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ଲଜ୍ ଉପରେ ପୁଲିସ ବୁଧବାର ସକାଳୁ ଅତର୍କିତ ଚଢ଼ାଉ କରିଥିଲା। ଏକ ଗଣ୍ଡଗୋଳ ମାମଲାକୁ ନେଇ ପୁଲିସ ସେଠାରେ ପହଂଚିଥିଲା। ହେଲେ ଦେହ ବ୍ୟବସାୟର ଖବର ପାଇ ପୁଲିସ ଚଢ଼ାଉ ସମୟରେ ଜଣେ ଦେହଜିବୀ ସହ ଗ୍ରାହକକୁ ଧରି ଥାନାକୁ ଆଣିଥିଲା। ଏହାପରେ ପୁଲିସ ଅଧିକ ତଦନ୍ତ ନିମନ୍ତେ ଲଜ୍‌ର ଦୁଇ କର୍ମଚାରୀ ସମେତ ମାଲିକକୁ ଥାନାକୁ ଡାକି ତଦନ୍ତ ପରିସରଭୁକ୍ତ କରିଥିଲା। ସନ୍ଧ୍ୟାରେ ବୈଜ୍ଞାନିକ ଟିମ ଦ୍ୱାରା ଥାନାଧିକାରୀ ଚିନ୍ମୟୀ ବେହେରା ଘଟଣାସ୍ଥଳେ ଲଜ୍‌କୁ ତଦନ୍ତ ଜାରି ପରେ ମାଜିଷ୍ଟ୍ରେଟ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକଙ୍କ ଉପସ୍ଥିତରେ ଲଜ୍‌କୁ (ଶ୍ରୀ ହରି କଟେଜ୍)କୁ ସିଲ୍ କରିଥିଲା। ଏନେଇ ଏକ ମାମଲା ୨୦୦/୨୨ ରୁଜୁ କରାଯାଇ ତଦନ୍ତ ପରିସରକୁ ବ୍ୟାପକ କରାଯାଇଥିଲା। ଦେହଜୀବୀଙ୍କ ସୂଚନା ମୁତାବକ ପୁଣି ରାତ୍ରୀରେ ଦୁଇ ଜଣଙ୍କୁ ପୁଲିସ ଉଠାଇ ଆଣିବା ସହ ଫୁଲବାଣୀ ଅଂଚଳର ଉକ୍ତ ଦେହଜୀବୀକୁ ସ୍ୱାଧାର ଗୃହରେ ଛାଡ଼ିଥିଲା। ଲଜରେ ବେଆଇନ କାର୍ଯ୍ୟ ଚାଲୁ ରହିଥିବା ଓ ଲଜ୍ ନିମନ୍ତେ କୌଣସି ଅନୁମତି ନଥିବା ପୁଲିସ ତଦନ୍ତରୁ ଜାଣିଥିଲା। ଏମିତିକି କ୍ରମାଗତ ଭାବେ ବାହାର ଜିଲ୍ଲାରୁ ଝିଅମାନଙ୍କୁ ଧରି ଗ୍ରାହକମାନେ ଆସୁଥବା ଘଟଣା ସାମ୍ନାକୁ ଆସିଥିଲା। ଫଳରେ ଆଜି ପୁଲିସ ଏହି ମାମଲାରେ ପୂର୍ବରୁ ୬ ଜଣଙ୍କୁ ଅଦାଲତ ଚାଲାଣ କରିଥିବାବେଳେ ଆଜି ଦୁଇଜଣ ଗ୍ରାହକ କୋରାଇ ଥାନା ଅନ୍ତର୍ଗତ ଧନେଶ୍ୱର ପଂଚାୟତର ମାଳିବାଗ ଗ୍ରାମର ଅଲେଖ ବେହେରାଙ୍କ ପୁଅ ନିରଂଜନ(୩୪) ଓ ବଡ଼ବିରୁହାଁ ଗ୍ରାମର ଭଗବାନ ମାଝୀଙ୍କ ପୁଅ ଶ୍ରୀବସ୍(୩୮)ଙ୍କୁ ପୁଲିସ ଦଫା ୩୭୦,୩୭୦(ଏ)(୨) ଆଇପିସି ଓ ୩/୫/୬ପ୍ରିଭେନସନ ଅଫ୍ ଆଇଏମ୍ ମୋରାଲ ଟ୍ରାଫିକ ଆକ୍ଟରେ ଅଦାଲତ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ିସ୍ଥିତ ଯାଜପୁରରୋଡ଼ ଉପକାରାଗାରକୁ ପଠାଇ ଦିଆଯାଇଛି। ଏଥିସହିତ ଏହି ମାମଲାରେ ପୁଲିସ ଅଧିକ ଅନୁସନ୍ଧାନ ଜାରି ରଖିଛି।

# ବିଏଲଓମାନଙ୍କୁ ନେଇ ସମୀକ୍ଷା ବୈଠକ

ଜୟପୁର ,୬/୦୯ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଏଲଓ ମାନଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟପୁର ପୌରାଂଚଳ ଓ କୋଟପାଡ ଏନଏସିର ବିଏଲଓ , ବିଏଲଓ ସୁପରଭାଇଜର ମାନଙ୍କୁ ନେଇ ଭୋଟର କାର୍ଡରେ ଆଧାର କାର୍ଡ ସଂଯୋଗୀକରଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ଆସିଷ୍ଟାଂଟ କଲେକ୍ଟର ସ୍ନିଗ୍ଧା ରାଣି ପଲେଇ, ମନୋସ୍ମିନି ବେହେରା ଉପସ୍ଥିତ ରହି ସମୀକ୍ଷା କରିଥିଲେ। ବୈଠକରେ ଭୋଟର ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ ମନ୍ଥର ଗତିରେ ଚାଲିଥିବା ଆଶାନୁରୁପ ହୋଇନଥିବାରୁ ତାହାର କାରଣ କଣ ସେ ବିଷୟରେ ଆଲୋଚନା କରାଯାଇଥିଲା । ଅଗଷ୍ଟ ୧ ତାରିଖରୁ ଭୋଟ ପରିଚୟ ପତ୍ର ସହ ଆଧାର ଲିଙ୍କ ସଂଯୋଗିକରଣ ଆରମ୍ଭ ହୋଇଛି । ବିଏଲଓ ମାନେ ଘର ଘର ବୁଲି ଆଧାର ପରିଚୟ ପତ୍ର ସଂଯୋଗି କରଣ କରିବା । ଏହା ସହ ଯୋଉଁ ମାନଙ୍କୁ ୧୮ ବର୍ଷ ହୋଇଛି ସେ ମାନେ ନିଜେ ନିଜେ ଆନ ଲାଇନରେ ନାମ ପଞ୍ଜି କରଣ କରିବା ଓ ଯାହାର ସଂଶୋଧନ ହେବ ସେମାନେ ମଧ ଅନ ଲାଇନରେ କରିବା ନେଇ ସଚେତନ କରିବା । କିନ୍ତୁ ଜୟପୁର ପୌରାଞ୍ଚଳରେ ମାତ୍ର ୧୬ ପ୍ରତିଶତ ସଂଯୋଗି କରଣ ହୋଇଥିବା ବେଳେ ଜୟପୁର ବ୍ଲକରେ ୫୩ ପ୍ରତିଶତ, ବୋରିଗୁମ୍ମା ବ୍ଲକରେ ୫୩ ପ୍ରତିଶତ ସଂଯୋଗି କରଣ ହୋଇଛି । ଜୟପୁର ନିବାଚନ ମଣ୍ଡଳୀରେ ମାତ୍ର ୪୨ ପ୍ରତିଶତ ସଂଯୋଗୀ କରଣ ହୋଇଛି । ସେହିପରି କୋଟପାଡ ନିର୍ବାଚନ ମଣ୍ଡଳିରେ ବୋରିଗୁମ୍ମା ବ୍ଲକରେ ୬୦ ପ୍ରତିଶତ, କୋଟପାଡ ଏନଏସିରେ ୨୬ ପ୍ରତିଶତ, କୁନ୍ଦୁରା ବ୍ଲକରେ ୭୯ ପ୍ରତିଶତ ବୈପାରିଗୁଡା ବ୍ଲକରେ ୫୭ ପ୍ରତିଶତ କୋଟପାଡ ବ୍ଲକରେ ୫୩ ପ୍ରତଶତ ସଂଯୋଗି କରଣ କରାଯାଇଛି । ମୋଟ କୋଟପାଡ ବ୍ଲକରେ ମୋଟ ୫୯ ପ୍ରତିଶତ ସଂଯୋଗୀକରଣ ହୋଇଛି । ତେଣୁ ସଂଯୋଗୀକରଣ ଅଗ୍ରଗତି କରିବାକୁ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ସେପ୍ଟେମ୍ବର ୦୭ ବୁଧବାର ୨୦୨୨




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନ୍ୟାୟିକ ବ୍ୟବସ୍ଥା...

ଶନିବାର ଦିନ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟରୁ ଜାମିନ୍ ମଂଜୁର ହେବାପରେ ଜେଲରେ ଦୁଇମାସରୁ ଅଧିକ ସମୟ କଟାଇ ସାରି ବାହାରିଛନ୍ତି ତିସ୍ତା ଶୀତଲବାଦ-ସମ୍ପ୍ରତି ଦେଶରେ ଆକ୍ରୋଶମୂଳକ ମନୋଭାବ ନେଇ ବିଭିନ୍ନ ବ୍ୟକ୍ତିବିଶେଷ ବା ସଂସ୍ଥାଙ୍କ ଉପରେ କରାଯାଉଥିବାର ଅଭିଯୋଗ ହେଉଥିବା କାର୍ଯ୍ୟାନୁଷ୍ଠାନର ଏକ ଉଦାହରଣ। ସଙ୍ଗେ ସଙ୍ଗେ ଦେଶର ନ୍ୟାୟିକ ବ୍ୟବସ୍ଥାର ଦୁଇ ପ୍ରକାର ରୂପର ମଧ୍ୟ। ୨୦୦୨ ଗୁଜରାଟ ଦଙ୍ଗା ସମ୍ପର୍କିତ ଏକ ମାମଲାରେ କାଗଜପତ୍ରରେ ଜାଲିଆତି କରିବା ହେଉଛି ତାଙ୍କ ବିରୋଧରେ ଅଭିଯୋଗ। ତାଙ୍କର ଜାମିନ୍ ପାଇଁ ସୁପ୍ରିମକୋର୍ଟ ଧନ୍ୟବାଦ, କାରଣ ଏହା କେବଳ ଜଣେ ନାଗରିକଙ୍କୁ ନ୍ୟାୟିକ ସହାୟତା ପ୍ରଦାନ କରିବାକୁ ଆଗେଇ ଆସି ନାହାନ୍ତି, ବରଂ ଏଥିପାଇଁ ଆବଶ୍ୟକ ପଦ୍ଧତିଗୁଡ଼ିକ ଅନୁସରଣ କରିବା ମଧ୍ୟରେ ରାଷ୍ଟ୍ର ଓ ନାଗରିକମାନଙ୍କ ତଥା ଏହାର ଅନେକ ସଂଖ୍ୟକ ଉପକରଣଗୁଡ଼ିକ ମଧ୍ୟରେ ରହିଥିବା କ୍ଷମତାର ଭାରସାମ୍ୟହୀନତାକୁ ସାମନାକୁ ଆଣିଛନ୍ତି। ବିଶଦ ଭାବରେ କହିବାର ଆବଶ୍ୟକତା ନାହିଁ ଯେ ତିସ୍ତା ଶୀତଲବାଦଙ୍କ କ୍ଷେତ୍ରରେ ସମଗ୍ର ଅଧ୍ୟାୟର ମୂଳ ଘଟଣା ନିହିତ ଅଛି ପୂର୍ବତନ କଂଗ୍ରେସ ସାଂସଦ ଏହସାନ୍ ଜାଫ୍ରିଙ୍କ ପତ୍ନୀ ଜାକିଆ ଜାଫ୍ରିଙ୍କଦ୍ୱାରା କରାଯାଇଥିବା ଏକ ନିବେଦନରେ, ଯାହାକୁ ସର୍ବୋଚ୍ଚ ଅଦାଲତ ଖାରଜଜ କରିଥିଲେ, ଯିଏକି ଦଙ୍ଗାରେ ମୃତ୍ୟୁବରଣ କରିସାରିଛନ୍ତି। ଏହି ନିବେଦନ ଉତ୍ତର-ଗୋଧ୍ରା ଦଙ୍ଗା ମାମଲାରେ ସୁପ୍ରିମକୋର୍ଟଙ୍କଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଦଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଭିଯୁକ୍ତମାନଙ୍କୁ କ୍ଲିନ୍ ଚିଟ୍ ପ୍ରଦାନର ପ୍ରତିବାଦ କରିଥିଲା। ନିବେଦନରେ ତିସ୍ତା ଏବଂ ତାଙ୍କର ଏନଜିଓ, ସିଟିଜନସ୍ ଫର ଜଷ୍ଟିସ୍ ଆଣ୍ଡ ପିସ୍ ଥିଲେ ସହ-ନିବେଦନକାରୀ। ସମ୍ପ୍ରତି ସୁପ୍ରିମକୋର୍ଟଙ୍କ ଦ୍ୱାରା ତିସ୍ତାଙ୍କୁ ଜାମିନ୍ ମିଳିଥିଲେ ସୁଦ୍ଧା ଗୁଜରାଟ ହାଇକୋର୍ଟ ତାଙ୍କର ନିୟମିତ ଜାମିନ୍ ଆବେଦନଗୁଡ଼ିକର ବିଚାର କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କର ଏହି ମାମଲାରେ ଜାମିନ୍ ପ୍ରଦାନର ଅନ୍ତରାଳରେ ମଧ୍ୟ ରହିଛି ଏହାଙ୍କ ଦ୍ୱାରା ପୂର୍ବରୁ ପ୍ରଦାନ କରାଯାଇଥିବା କେତେକ ମତ। ତିସ୍ତା ଜେଲରେ ଦୁଇ ମାସରୁ ଅଧିକ ସମୟ କଟାଇ ସାରିଥିଲେ ସୁଦ୍ଧା ଏଯାବତ୍ ତାଙ୍କ ନାମରେ କୌଣସି ଚାର୍ଜସିଟ୍ ଦାଖଲ କରାଯାଇନାହିଁ। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଏକ ଜାଲିଆତି ମାମଲାର ଏବଂ କାହାପ୍ରତି ଶାରୀରିକ ଆଘାତ ପହଂଚାଇ ଥିବାକୁ ନେଇ ନୁହେଁ। ତେଣୁ ଏହି ଅଭିଯୋଗ କୋର୍ଟଙ୍କୁ ଜାମିନ୍ ପ୍ରଦାନ କାର୍ଯ୍ୟକୁ ଅଟକାଇ ପାରିବ ନାହିଁ। ତିସ୍ତାଙ୍କ କ୍ଷେତ୍ରରେ ଏବେ ସୁଦ୍ଧା ଅନେକ ଆଇନଜୀବୀ ସେହି ତାର୍କିକ ଆଧାରକୁ ଖୋଜି ବାହାର କରିବାକୁ ଉଦ୍ୟମରତ, ଯାହା ବର୍ତ୍ତମାନର ଅବସରପ୍ରାପ୍ତ ବିଚାରପତି ଏଏମ୍ ଖାନ୍ୱିଲଙ୍କରଙ୍କ ରାୟ ପଛରେ ଅନ୍ତର୍ନିହିତ। ଏହା ଘୋଷଣା କରିଥିଲା ଯେ 'ସେମାନଙ୍କ ଦାବି ପଛରେ ରହିଥିବା ମିଥ୍ୟାବାଦିତାକୁ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଏସ୍ଆଇଟି ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚନ କରିପାରିଛି' ଏବଂ ସେ ରାଜ୍ୟକୁ ପରାମର୍ଶ ପ୍ରଦାନ କରିଥିଲେ ଯେ 'ଯେଉଁମାନେ ପଦ୍ଧତିର ଅପବ୍ୟବହାର କରିଛନ୍ତି, ସେମାନଙ୍କୁ କାଠଗଡ଼କୁ ଅଣାଯିବା ଉଚିତ ଏବଂ ଆଇନ୍ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ଏହାପରେ ପରାମର୍ଶକୁ କାର୍ଯ୍ୟକାରୀ କରିବାପାଇଁ ରାଜ୍ୟ ଆଦୌ ସମୟର ଅପଚୟ କରିନଥିଲା। ରାୟ ଘୋଷଣା ହେବାର ଦିନକପରେ ଜଣେ କ୍ରାଇମବ୍ରାଂଚ ଇନସ୍ପେକ୍ଟର ତିସ୍ତା ଶୀତଲବାଦ, ଗୁଜରାଟର ପ୍ରାକ୍ତନ ପୁଲିସ ମହାନିର୍ଦ୍ଦେଶକ ଆର୍‌ବି ଶ୍ରୀକୁମାର ଏବଂ ପ୍ରାକ୍ତନ ଆଇପିଏସ ଅଧିକାରୀ ସଂଜୀବ ଭଟ୍ଟଙ୍କ ନାମରେ ତଥ୍ୟ ଓ କାଗଜପତ୍ରରେ ଜାଲିଆତି କରିବାକୁ ଷଡ଼ଯନ୍ତ୍ର କରିବା, ସାକ୍ଷୀମାନଙ୍କୁ ଅନ୍ୟ ଭାବରେ ସାକ୍ଷୀ ଦେବାକୁ ପ୍ରବର୍ତ୍ତାଇବା ଏବଂ କିଛି ଲୋକଙ୍କୁ ଦୋଷୀ ସଜାଇବା ପାଇଁ ଆଇନର ଅପବ୍ୟବହାର କରିବା ଅଭିଯୋଗରେ ଏଫଆଇଆର ରୁଜୁ କଲେ। ଅଭିଯୋଗଗୁଡ଼ିକର ତଦନ୍ତ କରିବା ନିମନ୍ତେ ଗଠିତ ଏକ ଏସ୍ଆଇଟି ତା ପରଦିନ ତିନିଜଣଯାକଙ୍କୁ ଗିରଫ କଲେ। ସେବେଠାରୁ ସେମାନେ ରାଜ୍ୟର ହେପାଜତରେ ରହିଥିଲେ, ଯେହେତୁ ହାଇକୋର୍ଟ ଛଅ ସପ୍ତାହ ପର୍ଯ୍ୟନ୍ତ ସେମାନଙ୍କ ଜାମିନ୍ ଆବେଦନର ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ଜାମିନ ଭାବରେ ଭାରତର ନ୍ୟାୟିକ ବ୍ୟବସ୍ଥାର ମୂଳ ରହିଛି ସମ୍ବିଧାନର ଅନୁଚ୍ଛେଦ ୨୧ରେ, ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜୀବନ ଜିଇଁବା ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ପ୍ରଦାନ କରୁଛି। ଆଗୁଆ ଜାମିନଠାରୁ ବୈଧାନିକ ଜାମିନ ପ୍ରଦାନ କରାଯିବା ପର୍ଯ୍ୟନ୍ତ ଆବଶ୍ୟକୀୟ ନ୍ୟାୟିକ ପଦ୍ଧତିଗୁଡ଼ିକରୁ ଏହାର ଗୁରୁତ୍ୱକୁ ଅନୁଭବ କରାଯାଇପାରେ। ତେଣୁ ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟ ହେଉଛି- ଜାମିନ୍ ହେଉଛି ନିୟମମ ଏବଂ ଜେଲ ହେଉଛି ବ୍ୟତିକ୍ରମ। ଏହି ନୀତିକୁ ପ୍ରାୟତଃ ବିଚାର ବିଭାଗର ଅନ୍ୟାନ୍ତ ସ୍ତରରେ ଯଥେଷ୍ଟ ପରିମାଣରେ ଅନୁସରଣ କରାଯାଉନାହିଁ।

# ବିମାନବାହୀ ଯୁଦ୍ଧପୋତ: ବିରାଟରୁ ବିକ୍ରାନ୍ତ

ସୌମେନ୍ଦ୍ର ଜେନା

ସେପ୍ଟେମ୍ବର ୨ ତାରିଖ ଦିନ କେରଳର କୋଚିଠାରେ ଭାରତର ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ପ୍ରଥମ ବିମାନବାହୀ ଯୁଦ୍ଧପୋତ ବିକ୍ରାନ୍ତର ଜଳାବତରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୋଚିନ ସିପୟାର୍ଡରେ ନିର୍ମିତ ଏହି ଯୁଦ୍ଧପୋତକୁ ଦେଶର ବର୍ତ୍ତମାନ ସମୟରେ ବଡ ପୋତ ବୋଲି କୁହାଯାଉଛି। ଏହା ୨୬୨ମିଟର ଦୀର୍ଘ, ୬୨ମିଟର ପ୍ରସ୍ଥ, ୫୯ମିଟର ଉଚ୍ଚତା ବିଶିଷ୍ଟ, ଯାହା ୩୦ଟି ଯୁଦ୍ଧ ବିମାନକୁ ବହନ କରିବାର କ୍ଷମତା ରଖିଛି। ପ୍ରାୟ ୧୦ବର୍ଷ ଧରି ଚାଲିଥିବା ଏହି ପୋତର ନିର୍ମାଣରେ ୨୩ହଜାର କୋଟି ଟଙ୍କା ବ୍ୟୟ କରାଯାଇଥିବା କୁହାଯାଉଛି। ଭାରତୀୟ ନୌସେନାରେ ଦୀର୍ଘଦିନ କାର୍ଯ୍ୟ କରିବା ପରେ ବାହାର ହୋଇଥିବା ପୁରୁଣା ବିମାନବାହୀ ଯୁଦ୍ଧପୋତ ବିକ୍ରାନ୍ତର ନାମାନୁସାରେ ନୂଆ ଯୁଦ୍ଧପୋତର ନାମକରଣ କରାଯାଇଛି। ପୃଥିବୀରେ ବିମାନବାହୀ ଯୁଦ୍ଧପୋତ ସମୁଦ୍ରରେ ଏକ ଭାସମାନ ସହର ସଦୃଶ କାର୍ଯ୍ୟ କରିବା ସହ ସମୁଦ୍ରପଥରେ ଦୃଷ୍ଟି ରଖିବା ପାଇଁ ସୁବିଧା ଯୋଗାଇ ଦେଇଥାଏ। କାରଣ ଏଥିରେ ଥିବା ବିମାନର ଷ୍ଟ୍ରିପରୁ ବିମାନ ଉଡିବା ସହ ଅବତରଣ କରିଥାଏ। ଯାହା ଫଳରେ ସମୁଦ୍ର ଭିତରେ ବହୁଦିନଧରି ରହିବା ସଙ୍ଗେ ସଙ୍ଗେ ଏକ ବଡ ଅଞ୍ଚଳକୁ କେନ୍ଦ୍ର କରି ପ୍ରତିରକ୍ଷା ଦୃଷ୍ଟିରୁ ନଜର ରଖିବା ସହଜ ହୋଇଥାଏ।

ପୂର୍ବରୁ ଭାରତ ରୁଷିଆ ନିର୍ମିତ ପ୍ରଥମ ବିମାନବାହୀ ଯୁଦ୍ଧପୋତ ଆଇଏନ୍ଏସ୍ ବିକ୍ରମାଦିତ୍ୟକୁ ବ୍ୟବହାର କରିଆସୁଛି। ବିକ୍ରମାଦିତ୍ୟର ଡିଜାଇନ ଓ ନିର୍ମାଣ ଆଦି ରୁଷିଆ ହିଁ କରିଥିଲା। ଏହାର ଉଚ୍ଚତା ୬୦ମିଟର, ଓଜନ ୪୫ହଜାର ଟନ୍, ସର୍ବାଧିକ ଗତି ୫୫ କି.ମି ପ୍ରତିଘଣ୍ଟା, ଲମ୍ବ ୨୮୪ମିଟର,ପ୍ରସ୍ଥ ୬୧ମିଟର ରହିଛି। ଏହାର ରେଞ୍ଜ ୧୩ହଜାର କିଲୋମିଟର ଥିଲାବେଳେ ଏଥିରେ ୧୬୫୦ ରୁ ୧୭୦୦ ଯବାନ ରହିପାରିବେ। ୩୫ଟି ଯୁଦ୍ଧବିମାନକୁ ଏହା ବହନ କରିବାର କ୍ଷମତା ରଖିଛି। ୧୬ନଭେମ୍ବର ୨୦୧୩ରେ ଏହା ଭାରତୀୟ ନୌସେନାରେ ସାମିଲ ହୋଇଥିଲା। ମୂଳତଃ ରୁଷିଆର ନୌସେନା ପାଇଁ ବାକୁଠାରେ ୧୭ ଫେବୃଆରୀ ୧୯୭୮ରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା। ସୋଭିଏତ୍ ନୌସେନା ସହ ୧ ଏପ୍ରିଲ ୧୯୮୨ରେ ଏହା ଯୋଗ ଦେଇଥିଲା। ସେଭ୍‌ମାସ୍ (ରୁଷିଆ) ଏବଂ ବ୍ଲାକ ସି ସିପୟାର୍ଡର ମିଳିତ ଉଦ୍ୟମରେ ଏହା ନିର୍ମିତ ହୋଇଥିଲା। ଆଡମିରାଲ ଗୋର୍ସକୋଭ ନାମରେ ଏହା ପ୍ରଥମେ ପରିଚିତ ଥିଲା। ୧୯୯୬ରେ ଏହାକୁ କାର୍ଯ୍ୟରୁ ବାହାର କରାଯାଇଥିଲା। ପରେ ୨୦ ଜାନୁଆରୀ ୨୦୦୪ରେ ଏହାକୁ ଭାରତ କିଣିଥିଲା। ଭାରତ ୨.୩୫ ବିଲିଅନ ଡଲାର ଦେଇ ଏହାକୁ କିଣିବାପରେ ଏହାର ଆଧୁନିକୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୪ ଜୁନ୍ ୨୦୧୪ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଆଇଏନ୍ଏସ୍ ବିକ୍ରମାଦିତ୍ୟ ନାମରେ ଭାରତର ନୌସେନାକୁ ହସ୍ତାନ୍ତରଣ କରିଥିଲେ। ତେବେ ଏହାର ଆଧୁନିକୀକରଣ ଏବଂ ହସ୍ତାନ୍ତରଣରେ ବହୁ ବିଳମ୍ବ ହେବା ସଙ୍ଗେ ସଙ୍ଗେ ଭାରତକୁ ଅଧିକ ୧.୨ ବିଲିଅନ ଡଲାର ଦେବାକୁ ହୋଇଥିଲା। ରୁଷିଆର ସେଭେରୋଡଭିନକ୍ସଠାରେ ଏହାର ପୁନଃନିର୍ମାଣ କାର୍ଯ୍ୟ ହୋଇଥିଲା।

ଆଇଏନ୍ଏସ୍ ବିକ୍ରମାଦିତ୍ୟକୁ ରୁଷିଆଠୁ କିଣିବା ପୂର୍ବରୁ ଭାରତର ନୌସେନା ପାଖରେ ଆଇଏନ୍ଏସ ବିରାଟ ନାମକ ସେଣ୍ଟାଉର ଶ୍ରେଣୀର ବିମାନବାହୀ ଯୁଦ୍ଧପୋତ ରହିଥିଲା, ଯାହାକୁ ବ୍ରିଟେନ୍‌ଠାରୁ ଭାରତ ୧୯୮୭ରେ କିଣିଥିଲା। ଯାହାର ନିର୍ମାଣ ୨୧ଜୁନ୍ ୧୯୪୪ରେ ଭିକର୍ସ ଆର୍ମଷ୍ଟ୍ରଙ୍ଗ ଏବଂ ଭିକର୍ସ ସିପ୍‌ବିଲ୍ଡିଂ ଏଣ୍ଡ୍ ଇଞ୍ଜିନିୟରିଂ ଆରମ୍ଭ କରିଥିଲେ। ୧୬ ଫେବୃଆରୀ ୧୯୫୩ରେ ଏହା ନୌସେନାରେ ସାମିଲ ହୋଇ ୧୯୫୯ରେ ବ୍ରିଟେନର ରୟାଲ ନେଭିରେ ଏଚ୍ଏମ୍ଏସ୍ ହରମେସ୍ ନାମରେ ଯୋଗ ଦେଇଥିଲା। ୧୯୮୪ରେ ଏହା ନୌସେନାରୁ ବାହାରି ଯାଇଥିଲା। ପରେ ୧୨ମଇ ୧୯୮୭ରେ ଭାରତୀୟ ନୌସେନାରେ ଯୋଗ ଦେଇ ପ୍ରାୟ ୩୦ବର୍ଷ କାର୍ଯ୍ୟକରି ୨୩ ଜୁଲାଇ ୨୦୧୬ରେ ନୌସେନାରୁ ମୁକ୍ତ ହୋଇଥିଲା। ବିରାଟର ଓଜନ ୨୩୯୦୦ ଟନ୍, ଦୈର୍ଘ୍ୟ୨୨୬ ମିଟର, ପ୍ରସ୍ଥ ୪୮.୭୮ମିଟର, ଗତି ୫୨କିମି ପ୍ରତିଘଣ୍ଟା ରହିଥିଲା। ଏଥିରେ ୨୬ ବିମାନବହନ କରିବା କ୍ଷମତା ରହିଥିଲା।

ଆଇଏନ୍ଏସ୍ ବିରାଟ ପୂର୍ବରୁ ଆଇଏନ୍ଏସ୍ ବିକ୍ରାନ୍ତ ନାମରେ ଭାରତୀୟ ନୌସେନା ନିକଟରେ ଏକ ଯୁଦ୍ଧପୋତ ଥିଲା ଯାହାକୁ ଭାରତ ୧୯୫୭ରେ ବ୍ରିଟେନ ନୌସେନାଠାରୁ କ୍ରୟ କରି ୪ ମାର୍ଚ୍ଚ ୧୯୬୧ରେ ନିଜ ନୌସେନାରେ ସାମିଲ କରିଥିଲା। ଏହାକୁ ୧୪ ଅକ୍ଟୋବର ୧୯୪୩ରେ ଭିକର୍ସ ଆର୍ମଷ୍ଟ୍ରଙ୍ଗ ନିର୍ମାଣ ଆରମ୍ଭ କରିଥିଲେ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୁଦ୍ଧପରେ ନିର୍ମାଣ ୭୫ପ୍ରତିଶତ ଶେଷ ହୋଇଥିଲା ବେଳେ କାର୍ଯ୍ୟକୁ ବନ୍ଦ କରିଦିଆଯାଇଥିଲା। ଜାନୁଆରୀ ୧୯୫୭ରେ ଭାରତ ଏହାକୁ କିଣିଥିଲା। ହର୍ଲାଣ୍ଡ ଏଣ୍ଡ୍ ଉଲ୍‌ଫ ସଂସ୍ଥା ବିକ୍ରାନ୍ତର ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ। ୧୯୭୧ରେ ପାକ୍-ଭାରତ ଯୁଦ୍ଧବେଳେ ବଙ୍ଗଳାଦେଶ ଜଳସୀମାକୁ ଅବରୋଧ କରିବାରେ ଏହାର ଭୂମିକା ଥିଲା ବହୁତ ଅଧିକ। ବ୍ରିଟିସ ରୟାଲ ନେଭି ପକ୍ଷରୁ ଏହାର ନାମ ଏଚ୍ଏମ୍ଏସ୍ ହର୍କୁଲେସ୍ ରଖାଯାଇଥିଲା।

ବିମାନବାହୀ ଯୁଦ୍ଧପୋତର ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ଅଧିକ ଅର୍ଥ ଖର୍ଚ୍ଚ ହେଉଥିବାରୁ ମାତ୍ର ୨୫ଟି ଏପରି ଯୁଦ୍ଧପୋତ ପୃଥିବୀରେ ରହିଛି। ତନ୍ମଧ୍ୟରୁ କେବଳ ୧୧ଟି ଆମେରିକାର, ୩ଟି ଚୀନର, ୨ଟି ଲେଖାଏଁ ଭାରତ, ବ୍ରିଟେନ ଓ ଇଟାଲୀ ହାତରେ ଥିଲାବେଳେ ଗୋଟିଏ ଲେଖାଏଁ ରୁଷିଆ, ଫ୍ରାନ୍ସ, ସ୍ପେନ ଓ ଥାଇଲାଣ୍ଡ ପାଖରେ ରହିଛି। ଆମେରିକାର ଗେରାଲଡ୍ ଆର୍ ଫୋର୍ଡ ଏସବୁ ମଧ୍ୟରେ ବଡ ଯୁଦ୍ଧପୋତ ଯାହା ୨ଟି ଆଣବିକ ରିଆକ୍ଟର ଦ୍ୱାରା ଚାଳିତ। ଏହାର ଓଜନ ୧ଲକ୍ଷ ଟନ୍, ସଦସ୍ୟ ୪୫୦୦, ୭୫ ବିମାନ ରହିବାର ବ୍ୟବସ୍ଥା ରହିଛି। ଏହା ପଛକୁ ବ୍ରିଟେନର କ୍ୱିନ ଏଲିଜାବେଥ ରହିଛି ଯାହାର ଓଜନ ୫୯୦୦୦ ଟନ୍, ସଦସ୍ୟ ୧୬୦୦, ୫୦ ବିମାନ ବହନ କରିବା କ୍ଷମତା ରହିଛି। ଏହା ପଛକୁ ଚୀନର ଲିଓନିଙ୍ଗ ଯୁଦ୍ଧପୋତ ରହିଛି ଯାହାର ଓଜନ ୫୮୫୦୦ଟନ୍, ସଦସ୍ୟ ୨୭୦୦, ୫୦ ବିମାନ ବହନ କ୍ଷମତା ରହିଛି। ରୁଷିଆର ଆଡମିରାଲ କୁଜନେସୋଭ ୫୮, ୫୦୦ଟନ ଓଜନ ବିଶିଷ୍ଟ,ସଦସ୍ୟ ରହିବା ସଂଖ୍ୟା ୧୬୯୦, ଯୁଦ୍ଧବିମାନ କ୍ଷମତା ୫୦ରହିଛି, ଫ୍ରାନ୍ସର ସାର୍ଲ ଦ ଗଲର ଓଜନ ୪୨୦୦୦ ଟନ୍,ସଦସ୍ୟ ୨୦୦୦, ବିମାନ ବହନ କ୍ଷମତା ୪୦ରହିଛି।

ଭାରତୀୟ ନୌସେନାର ଦ୍ୱିତୀୟ ବିମାନବାହୀ ଯୁଦ୍ଧପୋତ ବିକ୍ରାନ୍ତର ଜଳାବତରଣ ପରେ ଆଇଏନ୍ଏସ୍ ବିଶାଳ ନିର୍ମାଣକୁ ତ୍ୱରାନ୍ୱିତ କରାଯିବ ବୋଲି ଜଣାପଡିଛି। ୨୦୧୨ରେ ବିଶାଳର ଡିଜାଇନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତବର୍ଷ ଏପ୍ରିଲ ୨୦୨୨ରେ ଏଥିପାଇଁ ଭେଲ ପକ୍ଷରୁ ଜିଇପାୱାର ସହ ଇଲେକଟ୍ରିକ୍ ବ୍ୟବସ୍ଥା ପାଇବାକୁ ବୁଝାମଣା କରାଗଲା। ୨୦୩୦ସୁଦ୍ଧା ଏହାର ନିର୍ମାଣ ଶେଷ ହେବା ସମ୍ଭାବନା ରହିଛି। ଏହାର ଲ୍ୟାଣ୍ଡିଂ ବ୍ୟବସ୍ଥା ବିକ୍ରମାଦିତ୍ୟ ଏବଂ ବିକ୍ରାନ୍ତଠାରୁ ଭିନ୍ନ ରହିବ, ଯେଉଁଥିରେ କଟୋବର ବ୍ୟବସ୍ଥା ଉପଯୋଗ ହେବ। ବିକ୍ରାନ୍ତ ଏବଂ ବିକ୍ରମାଦିତ୍ୟରେ ବିମାନ ଉଡାଣ ଏବଂ ଅବତରଣ ପାଇଁ ଷ୍ଟୋବାର ବ୍ୟବସ୍ଥା ରହିଛି, ଯାହାର ରନ୍‌ୱେ ଶେଷ ଭାଗ ଉପରକୁ ୧୨ରୁ ଡିଗ୍ରୀ ଉଠି ରହିଥାଏ। ବିଶାଳ ଯୁଦ୍ଧପୋତରେ କେଟାପୁଲଟ ଟେକ୍ ଅଫ୍ (ଉଡାଣ) ବ୍ୟବସ୍ଥା ରହିଛି। ଏଥିରେ ତୀର ମାରିଲା ପରି ବିମାନକୁ ଆଗକୁ ଠେଲିବାର ବ୍ୟବସ୍ଥା କରାଯାଇଥାଏ। ଏହି ବ୍ୟବସ୍ଥା ଆମେରିକାର ଯୁଦ୍ଧପୋତରେ ରହିଛି। ଏଥିପାଇଁ ଭାରତ ଆମେରିକାଠାରୁ ଏୟାରକ୍ରାଫ୍ଟ ଲଞ୍ଚ ସିଷ୍ଟମ ବା ଇମଲ୍ସ ଟେକ୍ନିକ୍ କ୍ରୟ କରିଛି। ଯାହା ଆଣବିକ ଶକ୍ତି ବଦଳରେ ଇଲେକ୍ଟ୍ରୋମ୍ୟାଗନେଟ୍ ଟେକ୍ନିକ୍ ଆଧାରରେ କାର୍ଯ୍ୟକରିବ। ବିଶାଳର ଟେକ୍ ଅଫ୍ ରନ୍‌ୱେ ବିକ୍ରାନ୍ତଠାରୁ ଲମ୍ବରେ କମ୍ ରଖାଯିବାକୁ ସ୍ଥିର ହୋଇଛି। ଯାହାଫଳରେ ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ହୋଇପାରିବ। ଏଥିରେ ବ୍ୟବହାର ହେବାକୁ ଥିବା ବିମାନଗୁଡିକ ସ୍ୱତନ୍ତ୍ର ରହିବ ଯାହାପାଇଁ ଦୀର୍ଘ ଟେକ୍ ଅଫ୍ ଅଞ୍ଚଳ ଦରକାର ହେବ ନାହିଁ। ଏହାଦ୍ୱାରା କେବଳ ସମୟ ନୁହେଁ ନିର୍ମାଣ ଖର୍ଚ୍ଚ ଅନେକ ପରିମାଣରେ ହ୍ରାସ କରାଯାଇପାରିବ।

ଚୀନ ନୌସେନା ନିକଟରେ ଲିଓନିଙ୍ଗ ଏବଂ ସେଡୋଙ୍ଗ ନାମରେ ଦୁଇଟି ବିମାନବାହୀ ଯୁଦ୍ଧପୋତ ପୂର୍ବରୁ ରହିଥିଲା। ଚଳିତବର୍ଷ ଜୁନ୍ ମାସରେ ତୃତୀୟ ଯୁଦ୍ଧପୋତ ଫୁଜିୟାନକୁ ଚୀନ ଜଳାବତରଣ କରାଇଛି। ଏଥିରେ କାଟୋବର ଟେକ୍ନିକ୍‌ର ଉପଯୋଗ ହୋଇଛି। ତେଣୁ ଭାରତର ନୌସେନା ହାତରେ ଅନ୍ତତଃ ତିନୋଟି ଏପରି ଯୁଦ୍ଧପୋତ ରହିବା ଦରକାର ବୋଲି କୁହାଯାଇଛି, ଯାହାକୁ ବଙ୍ଗୋପସାଗର, ଭାରତ ମହାସାଗର ଏବଂ ଆରବ ସାଗରରେ ମୁତୟନ କରାଯାଇପାରିବ। ଆଗାମୀ ଦିନରେ ସାମୁଦ୍ରିକ ସୁରକ୍ଷା ବଡ ବିଷୟ ହେବାକୁ ଯାଉଥିବା ସମୟରେ ଅଧିକ ବିମାନବାହୀ ଯୁଦ୍ଧପୋତ ଭାରତ ଦରକାର କରୁଛି। ଏକ ସମୟରେ ଚୀନ ଓ ପାକ୍ ପଟୁ ଜଳପଥରେ ଆକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ଏବେଠୁ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି।


+ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର-୭୫୧୦୦୩


# ମେକ୍ ଇଣ୍ଡିଆ ନମ୍ବର-୧: ସମୀକ୍ଷା

ଅଧ୍ୟାପକ ଗୋପବନ୍ଧୁ

ଦିଲ୍ଲୀର ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଶ୍ରୀଯୁକ୍ତ ଅରବିନ୍ଦ କେଜରିୱାଲ ଏକ ଅଭିନବ ଆନ୍ଦୋଳନର ଘୋଷଣା କରିଛନ୍ତି। ତାହା ହେଉଛି 'ମେକ୍ ଇଣ୍ଡିଆ ନମ୍ବର-୧'। ଏହି ଆନ୍ଦୋଳନର ଲକ୍ଷ୍ୟ ହେଉଛି ଭାରତ ବର୍ଷକୁ ବିଶ୍ୱରେ ଏକ ନମ୍ବର ରାଷ୍ଟ୍ରଭାବେ ପ୍ରତିଷ୍ଠିତ କରିବା। ପ୍ରଗତି ଓ ବିକାଶରେ ଭାରତ ହେବ ବିଶ୍ୱର ସମସ୍ତ ଦେଶଠାରୁ ଆଗୁଆ। ଦେଶ ସମସ୍ତ ଦିଗରୁ ପାରଦର୍ଶିତା ଲାଭ କରିବ ଓ ସମସ୍ତ ରାଷ୍ଟ୍ରପାଇଁ ଦୃଷ୍ଟାନ୍ତଭାବେ ଉପସ୍ଥାପିତ ହେବ। ଏହା ତାଙ୍କର ସ୍ୱପ୍ନ ଓ ଯୋଜନା ମଧ୍ୟ। ଏହି ଲକ୍ଷ୍ୟ ହାସଲପାଇଁ ଏହା ଏକ ପ୍ରୟାସ। ଲକ୍ଷ୍ୟ କଷ୍ଟସାଧ୍ୟ କିନ୍ତୁ ଅସମ୍ଭବ ନୁହେଁ। ତାଙ୍କ ମତରେ ଦେଶର ସମସ୍ତ ନାଗରୀକଙ୍କୁ ଏଦିଗରେ ପ୍ରେରୀତ କଲେ ଓ ଯୋଜନା ବଦ୍ଧଭାବେ କାମକଲେ ଏ କଷ୍ଟସାଧ ଲକ୍ଷ୍ୟକୁ ସହଜ କରାଯାଇ ପାରିବ। ଏଥିପାଇଁ ସମସ୍ତଙ୍କୁ ଏକତାବଦ୍ଧ ହେବାକୁ ହେବ। ନିଜ ମଧ୍ୟରେ ଥିବା ବିବାଦ ଓ ବୈରୀତାକୁ ଛାଡିବାକୁ ହେବ। ସେ ବିରୋଧୀ ରାଜନୈତିକ ଦଳ ଓ ତାଙ୍କ ସମାଲୋଚକମାନଙ୍କୁ ମଧ୍ୟ ଆହ୍ୱାନ କରିଛନ୍ତି ସାଙ୍ଗରେ କାମ କରିବାପାଇଁ।

ତେବେ ଅନେକଙ୍କ ଧାରଣା ଏହା ଏକ ରାଜନୈତିକ ସ୍ଲୋଗାନ। ଭାରତବର୍ଷରେ ଅନେକ ରାଜନୈତିକ ଦଳ ବିଭିନ୍ନ ସମୟରେ ଏପରି ଅନେକ ସ୍ଲୋଗାନ ଦେଇଛନ୍ତି। କୋଉ ସ୍ଲୋଗାନ ସଫଳ ହୋଇନାହିଁ। ତେଣୁ ଏହାମଧ୍ୟ ଏକ ଫମ୍ପା ସ୍ଲୋଗାନ। ଏହା ସଫଳ ହେବାର ସମ୍ଭାବନା ଆଦୌ ନାହିଁ। ଅତୀତର ସ୍ଲୋଗାନବାଜି ଏପରି ଧାରଣା ସୃଷ୍ଟି କରିବା ସ୍ୱଭାବିକ। ବହୁବର୍ଷଧରି ଦେଶରେ 'ଗରୀବି ହଟାଓ' ନାରା ଜୋରରେ ଚାଲିଥିଲା। ସରକାର ପରେ ସରକାର ଆସିଲା, କିନ୍ତୁ ଗରୀବି ହଟିଲା ନାହିଁ। 'ଭ୍ରଷ୍ଟାଚାର ହଟାଓ' ନାରା ବହୁବାର ଆସିଛି। ଏହାକୁ ନେଇ ସରକାର ମଧ୍ୟ ବଦଳିଛି, ତଥାପି ଭ୍ରଷ୍ଟାଚାର ହଟିବାର ନାମ ନେଉନାହିଁ। ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ସ୍ଲୋଗାନ ଦେଇଥିଲେ 'ମେକ୍ ଇନ୍ ଇଣ୍ଡିଆ'। ଏହା କେତେଦୂର ସଫଳ ହୋଇଛି ତାହା ସମସ୍ତେ ଉପଲବ୍ଧି କରୁଥିବେ। ଭାରତବର୍ଷକୁ 'ବିଶ୍ୱଗୁରୁ' ବନାଇବାର ସ୍ଲୋଗାନବି ଆସିଛି। ଏବେ ପୁଣି ଶ୍ରୀ କେଜରିୱାଲଙ୍କ 'ମେକ୍ ଇଣ୍ଡିଆ ନମ୍ବର-୧' ସ୍ଲୋଗାନ ଲୋକଙ୍କୁ ଦ୍ୱନ୍ଦରେ ପକାଇଛି। କେତେ ସଫଳ ହେବ ଏହାକୁ ନେଇ ଲୋକେ ସନ୍ଦେହରେ ପଡ଼ିଛନ୍ତି।

କିଏ ନଚାହିଁବା ଭାରତବର୍ଷ ବିଶ୍ୱରେ ଏକ ନମ୍ବର ହେଉ। ଏହା ଅସମ୍ଭବ ମଧ୍ୟ ନୁହେଁ। ଏଥିପାଇଁ ଲୋଡ଼ା ସଫଳ ଯୋଜନା ଓ ସଂକଳ୍ପବଦ୍ଧ ନେତୃତ୍ୱ। ଦେଶରେ ମାନବସମ୍ବଳ ରହିଛି, ବୁଦ୍ଧିମତ୍ତା ରହିଛି, କର୍ମଠତା ରହିଛି ଓ ପ୍ରାକୃତିକ ସମ୍ପଦ ମଧ୍ୟ ରହିଛି। କିଛିର ଯଦି ଅଭାବ ରହିଛି ତାହା ହେଉଛି ଯୋଜନାର ସଫଳ ରୂପାୟନ ଓ ସଂକଳ୍ପବଦ୍ଧ ନିର୍ମଳ ନେତୃତ୍ୱ। ଦେଶରେ ଯୋଜନାତ ଅନେକ ହେଉଛି, କିନ୍ତୁ ଏଗୁଡିକର ସଫଳ ରୂପାୟନ ହୋଇପାରୁ ନାହିଁ। ସେହିପରି ଦୂରଦୃଷ୍ଟି ସମ୍ପନ୍ନ ନିର୍ମଳ ନେତୃତ୍ୱର ଅଭାବ ଥିବାପରି ମନେହୁଏ। ଯେଉଁଦିନ ଏହି ସମସ୍ୟାର ସମାଧାନ ହୋଇଯିବ ସେହିଦିନଠାରୁ ଭରତବର୍ଷର ପ୍ରଗତି କ୍ଷୀପ୍ରଗତିରେ ଆଗକୁ ବଢିବ ଏକ ନମ୍ବର ହେବା ଆଡକୁ। ତେଣୁ କେବଳ ନାରାଦେଲେ ହେବନାହିଁ, ନାରାକୁ ସଫଳ କରିବାପାଇଁ କେତେ ଆନ୍ତରିକତା ରହିଛି ତାହା ବିଚାର କରିବାକୁ ପଡିବ। ଅତୀତରେ ଯେତେ ନାରା ଦିଆଯାଇଛି ତାହା କେବଳ ଭୋଟ ହାସଲପାଇଁ। ନିର୍ବାଚନ ବୈତରଣୀ ପାରହେଲା ପରେ ନାରା ଅଳିଆ ଗଦାକୁ ଚାଲିଯାଏ। ସେହିପରି 'ମେକ୍ ଇଣ୍ଡିଆ ନମ୍ବର-୧' ନାରାବି ଅଳିଆ ଗଦାକୁ ଚାଲିଯିବନି ତ ? ଏହି ସ୍ଲୋଗାନର ସଫଳତା ବିଷୟରେ ଚର୍ଚ୍ଚାକରିବା ସମୟରେ ଯାହାଙ୍କ ମୁହଁରୁ ଏହା ବାହାରିଛି ତାଙ୍କ ବିଷୟରେ ଜାଣିବା ଓ ତାଙ୍କ କାର୍ଯ୍ୟଶୈଳୀ ବିଷୟରେ ଜାଣିବା ଅତ୍ୟନ୍ତ ଜରୁରୀ। ବିଶେଷକରି ଜଣେ ସାମାଜିକ କର୍ମକର୍ତ୍ତା ଓ ରାଜନୀତିଜ୍ଞ ଭାବେ ଶ୍ରୀ କେଜରିୱାଲଙ୍କ କହିବା ଓ କରିବା ମଧ୍ୟରେ କେତେ ତାରତମ୍ୟ ରହିଛି ତାହା ତଉଲି ଦେଖିବାକୁ ହେବ। ସାମାଜିକ କର୍ମକର୍ତ୍ତାଭାବେ ସୂଚନା ଅଧିକାର ଆଇନ୍ ପାଇଁ ଓ ଜନଲୋକପାଳ ଆଇନ୍ ପାଇଁ ହୋଇଥିବା ଆନ୍ଦୋଳନରେ ତାଙ୍କର ଭୂମିକାଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜନିତୀଜ୍ଞଭାବେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରୂପରେ କଣ କହିଛନ୍ତି ଓ କଣ କରିଛନ୍ତି ତାହାକୁ ମଧ୍ୟ ବିଚାରକୁ ନେବାକୁ ହେବ। ଭ୍ରଷ୍ଟାଚାର ବିରୁଦ୍ଧରେ ଲଢିବା ଓ ସାଧାରଣ ଲୋକଙ୍କ ସାଧାରଣ ସମସ୍ୟାର ସମାଧାନ ତାଙ୍କ ରାଜନୈତିକ କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ। ଦିଲ୍ଲୀରେ ତାଙ୍କ ଗଠିତ ଆମ୍ ଆଦମୀ ପାର୍ଟି ସାତବର୍ଷ ହେଲା ଶାସନ କରୁଛି। ଦିଲ୍ଲୀ ସରକାରଙ୍କ ଅଧିନରେ ଥିବା କାର୍ଯ୍ୟାଳୟ ଗୁଡିକରେ ଭ୍ରଷ୍ଟାଚାର ଏକପ୍ରକାର ସମାପ୍ତ ହୋଇଛି। ପଞ୍ଜାବରେ ମଧ୍ୟ ନବଗଠିତ ଆପ୍ ସରକାର ଏଦିଗରେ ଦୃଢ଼ ପଦକ୍ଷେପ ନେଉଛି। ଦିଲ୍ଲୀରେ ସେ ଯେତେସବୁ ନିର୍ବାଚନୀ ପ୍ରତିଶୃତି ଦେଇଥିଲେ ତାହାସବୁ ପୂରଣ କରିଛନ୍ତି। ପଞ୍ଜାବରେ ମଧ୍ୟ ସରକାର ପ୍ରତିଶୃତି ମୁତାବକ କାମ ଆରମ୍ଭ କରିଛି। ତେଣୁ ରାଜନୀତି କ୍ଷେତ୍ରରେ ତାଙ୍କ କହିବା କରିବା ମଧ୍ୟରେ ପାର୍ଥକ୍ୟ ନାହିଁ। ଏ କ୍ଷେତ୍ରରେ ସେ ଜଣେ ବିଚକ୍ଷଣ ଯୋଜନା ପ୍ରସ୍ତୁତକାରୀ କହିଲେ ଅତ୍ୟୁକ୍ତି ହେବନାହିଁ। ସେ କିଛି କହିବା ପୂର୍ବରୁ ଯୋଜନା ପ୍ରସ୍ତୁତ କରିନିଅନ୍ତି ବୋଲି ଆଲୋଚନା ହୁଏ। ତେଣୁ ସେ ନିକଟରେ ଦେଇଥିବା ସ୍ଲୋଗାନ ଉପରେ ଏକ ପ୍ରାଞ୍ଜଳ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଥିବାପରି ମନେହୁଏ। ଅର୍ଥାତ୍ ଭାରତବର୍ଷକୁ ବିଶ୍ୱର ଏକ ନମ୍ବର ବନାଇବାକୁ ହେଲେ କଣ ପଦକ୍ଷେପ ନେବାକୁ ହେବ ସେ ବିଷୟରେ ଗଭୀର ମାନସ ମନ୍ଥନ କରିଥିବେ। ତାଙ୍କ କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଦେଶରୁ ଭ୍ରଷ୍ଟାଚାରର ସମ୍ପୂର୍ଣ୍ଣ ଉନ୍ମୂଳନକୁ ପ୍ରାଧାନ୍ୟ ଦେବେ। ଏହାହିଁ ଦେଶକୁ ପଛକୁ ଟାଣୁଛି। ଦ୍ୱିତୀୟରେ ରହିବ ଶିକ୍ଷାର ବ୍ୟାପକ ପ୍ରସାର। ସମସ୍ତଙ୍କୁ ଶିକ୍ଷିତ କରିବା ଓ ଏହାର ଗୁଣାତ୍ମକମାନକୁ ଉଚ୍ଚତର କରିବା ତାଙ୍କର ପ୍ରଚେଷ୍ଟା ରହିବ। ବିଜ୍ଞାନ ଶିକ୍ଷା ଉପରେ ପ୍ରାଧାନ୍ୟ ସହିତ କାରିଗରୀ ଓ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ରହିବ। କାରଣ ସେ ଭଲଭାବେ ବୁଝିଛନ୍ତି ବିକାଶର ଆଧାର ହେଉଛି ଶିକ୍ଷା। ଶିକ୍ଷାରେ ପ୍ରଗତିବିନା କୌଣସି ଦେଶ ଆଗକୁ ଯାଇପାରିବ ନାହିଁ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ଏଇ ଜୀବନରେ

ସିଦ୍ଧେଶ୍ୱର ତ୍ରିପାଠୀ

ଗୁଡାଏ ଆସିବେ ଛେଚି ଦେଇ ଯିବେ
ଗୁଡାଏ ଦେଇଯିବେ ମନ ତଳେ ଦାଗ
ଆଉ କିଛି ଖାଇଯିବେ ଟିକେ ଫୁସୁଲେଇ
ନେଇଗଲା ପରେ ଆଉ ଦେଖା ଯିବେ ନାହିଁ ।
କେତେ ପୁଣି ଲଗେଇବେ ପେଞ୍ଚ
ତୁମକୁ ଜାଳିବା ପାଇଁ ଲଗେଇବେ ଆଞ୍ଚ
ପରିବାର ସମାଜରେ ତୁମକୁ ନିନ୍ଦିବେ
ମିଛ ସମସ୍ୟାରେ ନେଇ ତୁମକୁ ଛନ୍ଦିବେ ।
ଦେଖି ପାରିବେନି କେବେ ତୁମ ସୁଖ ଶିରି
ତୁମେ ଦୁଃଖରେ ପଡିଲେ ସିଏ କିରିକିରି
ଯେତେଯେତେ ବଢୁଥିବ ତୁମ ଅବଶୋଷ
ତାଙ୍କ ମୁହଁ ଦିଶୁଥିବ ଭାରି ହସହସ ।
କିଛି ଛନ୍ତି କାମରେ ଖୋଜିବେ
କାମ ସରିଗଲା ପରେ ମୁହଁ ପୋଛିଦେବେ
ଦେବେନି ପାରିଶ୍ରମିକ ସୁଖକି ସମ୍ମାନ
ପାଞ୍ଚଲୋକ ପାଖେ କରିଦେବେ ହୀନିମାନ ।
ମାଆ ଭଉଣୀ ଲଗେଇ ସୋଧିବେ ପ୍ରବଳ
ସେ ପୁଣି ଦିନେ କହିବେ ଆହା ଧନ ମୋର
ବନ୍ଧୁ ଯେ ରକ୍ତସମ୍ପର୍କ ଗୁରୁ ଜନ ହୋଇ
ତୁମ ବାଟରେ ଦେବେସେ କଣ୍ଟାଯେ ବିଛାଇ ।
କିଛି ଲୋକ ଆଶା ଦେଖେଇବେ
ଓସ୍ତ ଗଛ ଅଗିଲାରେ ଚଢ଼େଇଣ ଦେବେ
ଅମୃତ ଦେଖାଇ ସିଏ ବିଷ ପରଶିବେ
ଅଧାବାଟେ ହାତଛାଡି ମୂଳରୁ କାଟିବେ
କଥା ଦେଇ କଥା ନରଖିବେ ।
ତୁମେ ବରବାଦ ହେଲେ ସିଏ କୁତୁକୁତୁ
ଟିକିଏ ଆଗକୁ ଗଲେ ଭାରି ହୁତୁହୁତୁ ।
କେମିତି ଭାବି ପାରିବା ଏହାଙ୍କୁ ନିଜର
ପାଖେ ପାଖେ ଥାଇବିସେ ଭାରି ଭୟଙ୍କର ।

+ଖୋର୍ଦ୍ଧା

### ପିମ୍ପୁଡି ଆତଙ୍କ

ଦୀନବନ୍ଧୁ ପୋଇ

ହାତୀ ପଛେ ପଛେ ମାଙ୍କଡ ପସିଲେ
ଜଙ୍ଗଲକୁ ଛାଡି ଗାଆଁରେ
ବିଲରେ ଫସଲ ହେଉନାହିଁ ଭଲ
ତାଙ୍କରି ଆତଙ୍କ ଭୟରେ ।

କେତେ ବେଳେ ଘର କେତେବେଳେ ନର
ହାତୀ ନଷ୍ଟ କଲେ ପଶିରେ
ସୁରକ୍ଷା ଦେବାକୁ ବନ କର୍ମଚାରୀ
ଉଜାଗର ହୁଏ ନିଶିରେ ।

ହାତୀ ଚଲାପଥ ତାର କରିଡର
ସୂଚନା ସୂଚାଇ ଫଳକେ
ସୁରକ୍ଷା ବଳୟ ଧସେଇ ପଶନ୍ତି
ହଲାପଟା ହୁଏ ମୁଲକେ ।

ଜଙ୍ଗଲ କମୁଛି ସହର ବଢୁଛି
ଜଳବାୟୁ ଯାଏ ବଦଳି
ଜଙ୍ଗଲୀ ଜୀବଙ୍କ ଖାଦ୍ୟ ନମିଳିଲେ
କେ ଶୁଣିବ ତାଙ୍କ ଅର୍ଦଳି ।

ହେଉ କୀଟ ପଶୁ ଅବା ଯେଉଁ ଜୀବ
ନର ପରି ଖାଦ୍ୟ ଲୋଡନ୍ତି
ଖାଦ୍ୟର ଅଭାବେ ବଞ୍ଚିବାକୁ ସିଏ
ଗାଁ ଗଣ୍ଡାରେ ସେ ପଶନ୍ତି ।

ପ୍ରତ୍ୟକ୍ଷେ ପରୋକ୍ଷେ ମାନବ ସମାଜ
ପ୍ରକୃତିକୁ ଧ୍ୱଂସ କରୁଛି
ହାତୀ ହନୁ ପରେ ନାଲିଆ ପିମ୍ପୁଡି
ଘରେ ଦେଖି ନର ଡରୁଛି ।

ତାଙ୍କର ଯନ୍ତ୍ରଣା ଅସହ୍ୟ ହେବାରୁ
ଘରଛାଡି ଯାଏ ବାହାରେ
ହେ ବିଜ୍ଞ ମାନବ ହେଜ ଟିକେ ମନେ
କେମିତି ବଞ୍ଚିବ ଆହାରେ ।

ସାମାନ୍ୟ ପିମ୍ପୁଡି ଖେଳାଇ ଆତଙ୍କ
ଦଂଶୁଛି ଗୋଡେଇ ଗୋଡେଇ
କୃଷିବିଶେଷଜ୍ଞ ପରୀକ୍ଷା କରାଇ
ଔଷଧକୁ ଦେବେ ପକେଇ ।

ଚିଲ ଓ ଶାଗୁଣା କି ଘର ଚଟିଆ
କାହିଁ ଦିଶୁ ନାହିଁ ଗାଆଁରେ
ନିଜ ପରିବେଶ ନିଜେ ନଷ୍ଟ କର
ଆଧୁନିକତାର ନାଆଁରେ ।

ଜଙ୍ଗଲ ସୁରକ୍ଷା ପାଇଁ ରୋପି ଚାରା
ନରଗଣ ତୁମେ ଧାଆଁରେ
ଉତ୍ତର ପିଢିର ସ୍ଥିତି ଅସମ୍ଭାଳ
ହୋଇବ ନିଷ୍ଚୟ ଥୁଆରେ ।


♥ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ
ମୋ : ୯୯୩୮୮୦୨୪୧୨


### ଆସିଲାଣି ଶରତ

ପ୍ରଶାନ୍ତ କୁମାର ଦାଶ

କେତେ ସଫା କେଡେ ତୋରା
ଦିଶିଲାଣି ମରତ
ବରଷା ଯାଇଚି ଫେରି
ଆସିଲାଣି ଶରତ ।

ପାହାନ୍ତି ରାତିରୁ ଘାସେ
କାକର ଯେ ଖସୁଛି
ଗଛଡାଳେ ଗୀତ ଗାଇ
ଚଢେଇଟି ହସୁଚି ।

ଗଛରପତର ଦେହୁ
ଛୁଟିଯାଏ ଅତର
ସୁନ୍ଦର ଦିଶଇ ଗଛ
ଧରି ଫୁଲ ପତର ।

ଶରତ ସକାଳ ଦିଶେ
ଝଲ ମଲ ସୁନ୍ଦର
ନଈକୂଳେ ବଗବସି
କରୁଥାଏ ହୁନ୍ଦର ।

ଖାଇ ଟିକେ ଜଳଖିଆ
ଚାଷୀ ଯାଏ କ୍ଷେତକୁ
କ୍ଷେତଚଷି ଶୁଣାଏ ତା
ସୁ ମଧୁର ଗୀତକୁ ।

କାଶତଣ୍ଡୀ କରେ ନାଚ
ଦୂର ନଈପଠାରେ
ଦେବୀଙ୍କ ଜଣାଣ ଗାଏ
ବୋଉ ବସି କୋଠାରେ ।।

ପାଇବେ ମା ଦଶଭୁଜା
ପାରବଣେ ପୂଜା
ତାଙ୍କପାଇଁ ମୁଲକରେ
ଚାଲେ ମେଢ଼ ସଜା ।

ମାଆଙ୍କର ପୂଜାପରେ
ପୁନେଇଁଟି ଆସିବ
ରାତି ଅମା ଅନ୍ଧକାର
ରୁପା ଜହ୍ନ ନାଶିବ।

ଖୁସି ମଜା ଦେଇ ଶେଷେ
ଫେରିଯିବ ଶରତ
ତା ପରଶେ ହସୁଥିବ
ମାଟିର ଏ ମରତ ।


♥କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

# ସୁନ୍ଦରଗଡ଼ ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କଲା 'ଅହିଂସା ରଥ'

ଭୁବନେଶ୍ୱର,୬/୦୯ (ନି.ପ୍ର): ବିଗତ ୨୦ ଦିନ ମଧ୍ୟରେ ଗାନ୍ଧିଜୀଙ୍କ ବିଚାର ତଥା ସତ୍ୟ ଏବଂ ମାନବବାଦର ବାର୍ତ୍ତା ପ୍ରଚାର କରି ଅହିଂସା ରଥ ଓଡ଼ିଶାର ପ୍ରତି ଜିଲ୍ଲାର କୋଣ ଅନୁକୋଣରେ ପରିକ୍ରମା କରିଛି । ଇତି ମଧ୍ୟରେ ଅହିଂସା ରଥ ୧୬ଟି ଜିଲ୍ଲା ପରିକ୍ରମା କରିଛି । ଏହି ଅହିଂସା ରଥଗୁଡ଼ିକ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ପରିକ୍ରମା କରିବ ।

ଏହି କ୍ରମରେ ଆଜି ଅହିଂସା ରଥ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକଠାରେ ପହଞ୍ଚିଛି । ବିଶ୍ରା ବ୍ଲକ ଅନ୍ତର୍ଗତ ଉଡୁସୁ ଗ୍ରାମ ପଞ୍ଚାୟତଠାରେ ରଥକୁ ଭବ୍ୟ ସ୍ୱାଗତ ଜଣାଇଥିଲେ । ସେଠାରେ ସାରୁବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ୱାଗତ ସମୟରେ ବ୍ଲକ ଅଧକ୍ଷା ଫୁଲମଣି କେର୍କେଟା, ଉଡୁସୁ ସରପଞ୍ଚ ଦୁଲାରୀ ଖାଖା ଏବଂ ବିଶ୍ରା ବିଡ଼ିଓ ଜନ୍ମେଜୟ ବେହେରା ଉପସ୍ଥିତ ଥିଲେ । ରାଉରକେଲା ମହାନଗର ନିଗମ ତରଫରୁ ଅହିଂସା ରଥକୁ ଭବ୍ୟ ସ୍ୱାଗତ ଦିଆଯାଇଛି । ରାଉରକେଲା ଅଂଚଳର ସରକାରୀ ମହାବିଦ୍ୟାଳୟ, ମହାନଗର ନିଗମ କାଯ୍ୟାଳୟ ସମ୍ମୁଖ, ଭିଏସଏସ ମାର୍କେଟ, କୋଇଲ ନଗରରେ ପଥପ୍ରାନ୍ତ ନାଟକ ଜରିଆରେ ବାପୁଙ୍କ ଅହିଂସା ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା । ପ୍ରଥମେ ରଥକୁ ରାଉରକେଲା ମହାବିଦ୍ୟାଳୟରେ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବଂଶୀଧର ଦ୍ୱିବେଦୀଙ୍କ ପତ୍ନୀ ଦମୟନ୍ତୀ ଦ୍ୱିବେଦୀଙ୍କୁ ସମ୍ମାନିତ କରାଯାଇଥିଲା ।

କୋଇଡାରେ ଟେନସା ଗ୍ରାମ ପଂଚାୟତ ଓ ପଂଚାୟତ ସମିତି କାଯ୍ୟାଳୟରେ ବିଡିଓ ପଲ୍ଲବୀ ରାଣୀ ରାଜଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ସରପଂଚ, ବ୍ଲକ୍ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ।ଆଜି ସକାଳେ ନର୍ଲାବ୍ଲକ ଶେରଗଡ଼ଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ନର୍ଲା ବିଡିଓ, ସରପଞ୍ଚ ରାହୁଲ କୁମାର ସାହୁ, ପଞ୍ଚାୟତ ସମିତି ସଭ୍ୟ ଶ୍ରୀ ସଂଜୀବ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ହରି ଶଙ୍କର ମାଝୀ, ନମ୍ରତା ସାହୁ, ଲୀଲି ଦୀପ ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ । ତୁଲାପଡ଼ାଠାରେ ସରପଞ୍ଚ ମାଲିହର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଲିଲି ଦୀପ, ହରିଶଙ୍କର ମାଝୀ, ବାଗପୁରଠାରେ ସରପଞ୍ଚ ଗୋପାଳ ହାତୀ, ପଞ୍ଚାୟତ ସମିତି ସଭ୍ୟ କୁନି ମହାନନ୍ଦ ଏବଂ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ । ଛତିଗୁଡା ଛକଠାରେ ଶାନ୍ତପୁର ହାଇସ୍କୁଲର ଛାତ୍ର ଛାତ୍ରୀମାନେ ହାତରେ ଜାତୀୟ ପତାକା ଧରି ସ୍ୱାଗତ କରିଥିଲେ । ଦେପୁ ? ପଞ୍ଚାୟତରେ ସରପଞ୍ଚ ଉର୍ମିଳା ଜାନି, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଦୟାନିଧି ନାଏକ, ଲକ୍ଷ୍ମୀ ସାହୁ ଉପସ୍ଥିତ ଥିଲେ । ମଞ୍ଚରେ ଦଳୀୟ ନୃତ୍ୟ, କୀର୍ତ୍ତନ ତଥା ଭିଡିଓ ପ୍ରଦର୍ଶନ ହୋଇଥିଲା । ଏହାପରେ ସ୍ଥାନୀୟ କଳାହାଣ୍ଡି ବିଶ୍ୱବିଦ୍ୟାଳୟଠାରେ ଏକ ମନୋରମ ପରିବେଶରେ ରଥ କୁ ସ୍ୱାଗତ କରି ବିଶ୍ୱବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ଗତକାଲି କଲମପୂରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭିଡ଼ିଓ ପ୍ରଦର୍ଶନ ପରେ ଅହିଂସା ରଥ ଆଜି ବିଜମରା ଅଭିମୁଖେ ଯାତ୍ରା କରିଥିଲା । ବାନେରଠାରେ ସରପଞ୍ଚ ଗୌତମ ବାଗ, ପଞ୍ଚାୟତ ସମିତି ସଭ୍ୟ ଅନନ୍ତ କୁମାର ପଟ୍ଟନାୟକ, ବନ୍ଧକନାଠାରେ ସରପଞ୍ଚ ହିମାଦ୍ରି ବାଗ, ପଞ୍ଚାୟତ ସମିତି ସଭ୍ୟ ମୋତି ବିହାରୀ, ଚିନ୍ତାମଣି ବେହେରା, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ନେବ୍ୟଦିତ୍ୟ ହଂସ ସହ ଗ୍ରାମବାସୀ ଉପସ୍ଥିତ ରହିରଥକୁ ସ୍ୱାଗତ କରିଥିଲେ । ଜୟପାଟଣାସ୍ଥିତ ଉମାଶଙ୍କର ହାଇସ୍କୁଲଠାରେ ଏକ ସଭାର ଆୟୋଜନ କରାଯାଇ ବିଡିଓ,ଜିଲ୍ଲା ପରିଷଦ ସଭ୍ୟ ଶ୍ରୀମତୀ ମଧୁମିତା ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ । ଏଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ମାଲକାନଗିରିର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ତାମା ଦୋରାଙ୍କ ଉପରେ ଇ-ପାଠଚକ୍ର

ମାଲକାନଗିରି,୬/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଆନୁକୂଲ୍ୟରେ ଏହାର ବିଚାରଧାରା ବିଭାଗ ଦ୍ୱାରା ତ୍ରୟୋଦଶ ତମ ଇ -ପାଠଚକ୍ର ମାଲକାନଗିରିର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ତାମା ଦୋରାଙ୍କ ଉପରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଂଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପଡିଆର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର ମାଲକାନଗିରିର ଶହୀଦ ତାମା ଦୋରା କିପରି ଇଂରେଜ ସରକାର ବିରୁଦ୍ଧରେ କୋୟା ଜନଜାତିର ଲୋକମାନଙ୍କୁ ସଂଗଠିତ କରି ଆନ୍ଦୋଳନ କରି ଶହୀଦ ହୋଇଥିଲେ, ତାହା ଉପରେ ନିଜର ଗବେଷଣା ଲବ୍ଧ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିବେକାନନ୍ଦ ଲୋକ ସଂସଦ ଜିଲ୍ଲା ଶାଖାର ଆଜୀବନ ସଦସ୍ୟ ତଥା ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । କେ.ଜି .ବି .ଭି, ଚାଲାଣଗୁଡାର ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସଂସଦର ଆଜୀବନ ସଦସ୍ୟା ପ୍ରତିମା ନାୟକ ପ୍ରାରମ୍ଭିକ ମନ୍ତ୍ରପାଠ କରିଥିଲେ ଓ ସୁଶ୍ରୀ ଶାଶ୍ୱତୀ ନାୟକ ବିବେକବାଣୀ ପାଠ କରିଥିବା ବେଳେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ସ୍ୱାଇଁ ଶାନ୍ତି ପାଠ କରିଥିଲେ । ଏହି ଆଭାସୀ ପାଠଚକ୍ରରେ ଜିଲ୍ଲା ଓ ସମଗ୍ର ରାଜ୍ୟରୁ ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ଅଂଶ ଗ୍ରହଣ କରିଥିଲେ । ଶହୀଦ ତାମା ଦୋରାଙ୍କ ନାମରେ ମାଲକାନଗିରି ଜିଲ୍ଲାର କୌଣସି ଅନୁଷ୍ଠାନ, ମହାବିଦ୍ୟାଳୟର ନାମକରଣ କରାଗଲେ ଶହୀଦଙ୍କ ପ୍ରତି ଏହା ଉପଯୁକ୍ତ ସମ୍ମାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା ।

# ୨୮ତମ ଓଏମସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୬/୦୯ (ନି.ପ୍ର): କିମ୍ୱଦନ୍ତୀମୂଳକ କଥକ ସଙ୍ଗୀତାଚାର୍ଯ୍ୟ ପଣ୍ଡିତ ବିରଜୁ ମହାରାଜଙ୍କୁ ୨୮ତମ ଓଏମସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବକୁ ଉତ୍ସର୍ଗ କରି ସୃଜନ ଉତ୍ସବର ଉଦଘାଟନୀ ସନ୍ଧ୍ୟାରେ ବିଦାୟ ପ୍ରାପ୍ତ ପ୍ରାଣକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନୃତ୍ୟ ଜଗତରେ ପଣ୍ଡିତ ବିରଜୁ ମହାରାଜ ଏବଂ ଗୁରୁ କେଳୁଚରଣ ମହାପାତ୍ରଙ୍କ ମଧ୍ୟରେ ଥିବା ବନ୍ଧନକୁ ସମସ୍ତେ ମନେ ରଖିଛନ୍ତି । ଡିଜିଟାଲ୍ ପ୍ଲାଟଫର୍ମରେ ଓଏମସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବକୁ ସଫଳତାର ସହିତ ଆୟୋଜନ କରିବାର ଦୁଇ ବର୍ଷ ପରେ, ସେପ୍ଟେମ୍ବର ୫ ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ୨୮ ତମ ଓଏମସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ ।

ଉତ୍ସବର ଉଦଘାଟନୀ ସନ୍ଧ୍ୟାରେ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର; ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ; ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡଃ) ବି.ଆର ଶର୍ମା; ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରଭୋଦ ରଥ; ଏମ.ଜି.ଏମ ଖଣିଜ ପଦାର୍ଥର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହେବା ସହିତ ସୃଜନମୂଳକ ବକ୍ତବ୍ୟ ରଖି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

ଏହିବର୍ଷ, ଉତ୍ସବର ଉଦଘାଟନୀ, ତୃତୀୟ ଏବଂ ଅନ୍ତିମ ସନ୍ଧ୍ୟାରେ କେବଳ ଗୋଟିଏ ଗୋଟିଏ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଥିବାବେଳେ ଅବଶିଷ୍ଟ ଦିନଗୁଡିକରେ ଗୋଟିଏ ଶାସ୍ତ୍ରୀୟ ସଂଗୀତର ପାରମ୍ପାରିକ ଶୈଳୀ ବଜାୟ ରଖିବା ସହିତ ଗୋଟିଏ ଶାସ୍ତ୍ରୀୟ ନୃତ୍ୟ ଉପସ୍ଥାପନା କରାଯିବ । ଏହି ଉତ୍ସବଟି କଳାକାର ଏବଂ ଏକ ବିଶେଷ ପ୍ରକାର ଶୈଳୀର କଳା ମିଶ୍ରଣକୁ ଦୃଷ୍ଟିରେ ରଖି ପରିକଳ୍ପନା କରାଯାଇଛି ।

ଉଦ୍‌ଘାଟନୀ ସନ୍ଧ୍ୟା ଉପସ୍ଥାପନାରେ ଥିଲା ହିନ୍ଦୁସ୍ତାନୀ ବାଦ୍ୟଯନ୍ତ୍ରର ଯୁଗଳବନ୍ଦି ଯାହାକୁ ପରିବେଶଣ କରିଥିଲେ ବଂଶୀରେ ପଣ୍ଡିତ ରୋନୁ ମଜୁମଦାର ଓ ଜେମ୍ବେରେ ଉସ୍ତାଦ୍ ତୋଫିକ୍ କୁରେଶି ଏବଂ ସେମାନଙ୍କୁ ତବଲାରେ ସହଯୋଗ କରିଥିଲେ ଇଶାନ ଘୋଷ । ରୋନୁ ମଜୁମଦାରଙ୍କ ସଂଗୀତ ଦର୍ଶକଙ୍କୁ ବିଭିନ୍ନ ସମୟ ମଣ୍ଡଳ ଏବଂ ଯୁଗକୁ ନେଇ ଯାଇ ଏକ ବାଲ୍ମୀ ପ୍ରଭାବ ସୃଷ୍ଟି କରିଥିଲା । ତାଙ୍କ ସଙ୍ଗୀତ କାନ, ମନକୁ ସାନ୍ତ୍ୱନା ଦେବା ସହିତ ଆତ୍ମାକୁ ଆରାମ ଦେଇଥିଲା । ତୋଫିକ୍ କୁରେଶି ଏକ ନୂତନ ଧାରା ଏବଂ ଭିନ୍ନ ଶୈଳୀକୁ ତାଙ୍କ ସଙ୍ଗୀତ ମାଧ୍ୟମରେ ଆଗେଇ ନେଇଥିଲେ, ଆଫ୍ରିକୀୟ ଯନ୍ତ୍ରାଶ ଜେମ୍ବେକୁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପରିପ୍ରେକ୍ଷୀରେ ସଂଚାଳନ କରି ସେ ବେଶ ପରିଚିତ । ସେମାନଙ୍କ ଦ୍ୱାରା ପ୍ରଥମେ ରାଗ ଜୟ ଜୟବନ୍ତି ପରେ ପରେ ଆଲାପ ଓ ବନ୍ଦିଷ ପରିବେସିତ ହୋଇଥିଲା । ଉକ୍ତ ଯୁଗଳବନ୍ଦୀ କାର୍ଯ୍ୟକ୍ରମଟିକୁ ରବିନ୍ଦ୍ର ମଣ୍ଡପରେ ଉପସ୍ଥିତ ଦର୍ଶକ ବେଶ ମନଭୋରି ଉପଭୋଗ କରିଥିଲେ । ଦେବୀପ୍ରସାଦ ମିଶ୍ରଙ୍କ କୁଶଳୀ ତଥା ଭିନ୍ନ ଆଲୋକ ପରିକଳ୍ପନା ଏବଂ ସି. ଆନନ୍ଦ କୃଷ୍ଣଙ୍କ ନିରବିହୀନ ସାଉଣ୍ଡ ଇଞ୍ଜିନିୟରିଂ ଦ୍ୱାରା କଳାକାରମାନେ ତାଙ୍କର କଳା ପ୍ରଦର୍ଶନ କରିଥିଲେ । ଅନଲାଇନ୍ ଦର୍ଶକମାନେ ସୃଜନର ଫେସବୁକ୍ ପେଜ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ଲାଇଭ୍ ଷ୍ଟ୍ରିମ୍ ଦେଖିପାରିବେ । ଏହି କାର୍ଯ୍ୟକ୍ରମରେ ଉଭୟ ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରଭାବଶାଳୀ ନାଗରିକ, କଳା ଜଗତର ଜ୍ୟୋତିର୍ମୟ ଏବଂ ଭାରତ ତଥା ବିଦେଶର ଦର୍ଶକମାନେ ଯୋଗଦେଉଛନ୍ତି । ରାଣୀପ୍ରସାଦ ମିଶ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସହିତ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ସମଗ୍ର ଉତ୍ସବଟିକୁ ସଂକଳ୍ପିତ ଏବଂ ପରିକଳ୍ପନା କରାଯାଇଛି । ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ ।

# ସାଂସ୍କୃତିକ ଦଳ ପାଇଁ ଏଣିକି ଅନ୍‌ଲାଇନ୍ ଆବେଦନ

ଭୁବନେଶ୍ୱର ,୬/୦୯ (ନି.ପ୍ର): ଏବେ କମ୍ପ୍ୟୁଟର କ୍ଲିକ୍‌ରେ ହେବ ସାଂସ୍କୃତିକ ଦଳ ପରିଚାଳନା । କୌଣସି କାର୍ଯ୍ୟକ୍ରମ ପାଇଁ ସାଂସ୍କୃତିକ ଦଳ ନେବାକୁ ହେଲେ ଆଉ ଆୟୋଜକଙ୍କୁ ସଂସ୍କୃତି ବିଭାଗକୁ ଦୌଡ଼ିବାକୁ ପଡ଼ିବ ନାହିଁ । ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କଲା ପରେ ପାରିଶ୍ରମିକ ପାଇଁ ମଧ୍ୟ କଳାକାରଙ୍କୁ ବିଭାଗରେ ଚକ୍କର କାଟିବାକୁ ପଡ଼ିବ ନାହିଁ । ଏସବୁ ବ୍ୟବସ୍ଥା ଅନ୍‌ଲାଇନ୍‌ରେ ହିଁ ହେବ । ରାଜ୍ୟର ବିଭିନ୍ନ ସ୍ଥାନକୁ ସାଂସ୍କୃତିକ ଦଳ ପ୍ରେରଣ ପ୍ରକ୍ରିୟାକୁ ବ୍ୟବସ୍ଥିତ ଓ ସ୍ୱଚ୍ଛ କରିବା ପାଇଁ ସଂସ୍କୃତି ବିଭାଗ କାର୍ଯ୍ୟକାରୀ କରିବାକୁ ଯାଉଛି 'କଲ୍‌ଚରାଲ୍ ଟ୍ରୁପ୍ ମ୍ୟାନେଜ୍‌ମେଣ୍ଟ୍ ସିଷ୍ଟମ୍' । ଆସନ୍ତାକାଲି ସଂସ୍କୃତି ଭବନରେ ସଂସ୍କୃତି ମନ୍ତ୍ରୀ ଏହି ନୂଆ ବ୍ୟବସ୍ଥାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । 'କମ୍ପ୍ୟୁଟରୀକୃତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା'ରେ ଥିବା ବ୍ୟବସ୍ଥା ଅନୁଯାୟୀ ସାଂସ୍କୃତିକ ଦଳ ପ୍ରେରଣ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏକ ସ୍ୱତନ୍ତ୍ର ପୋର୍ଟାଲ୍ ରହିଛି । ଏହି ପୋର୍ଟାଲ୍‌ରେ ଆୟୋଜକ ସଂସ୍ଥା ନିଜର ନାମ ପଞ୍ଜୀକରଣ କରାଉଛନ୍ତି । ସେହିପରି ସଂସ୍କୃତି ବିଭାଗର ଆର୍ଥିକ ସହଯୋଗରେ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଚାହୁଁଥିବା ସାଂସ୍କୃତିକ ଦଳ କିମ୍ବା କଳାକାର ନିଜକୁ ପଞ୍ଜିକୃତ କରାଉଛନ୍ତି । ପଞ୍ଜିକୃତ ଆୟୋଜକ ସଂସ୍ଥା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହି ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିବେ ଓ ତିନିଟି ସାଂସ୍କୃତିକ ଦଳକୁ ବିକଳ୍ପ ଭାବେ ରଖିବେ । ସେହି ଆବେଦନକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସଂସ୍କୃତି ବିଭାଗ ବିଚାର କରି ନିଷ୍ପତ୍ତି ନେବ । ଯଦି ଆବେଦନ ମଞ୍ଜୁର ହେଲା, ତେବେ ତିନିଟି ବିକଳ୍ପ ମଧ୍ୟରୁ ଯେଉଁ ସାଂସ୍କୃତିକ ଦଳ ଉପଲବ୍ଧ ଥିବ, ତାହାକୁ କାର୍ଯ୍ୟକ୍ରମରେ ପରିବେଷଣ ପାଇଁ ସୁଯୋଗ ମିଳିବ । ମଞ୍ଚରେ କାର୍ଯ୍ୟକ୍ରମ ପରିବେଷଣ କଲା ପରେ ସାଂସ୍କୃତିକ ଦଳ ସଙ୍ଗେ ସଙ୍ଗେ ତାହାର ଫଟୋ, ଆୟୋଜକ ସଂସ୍ଥାର ସାର୍ଟିଫିକେଟ୍ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବା ସହ ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରି ବିଲ୍ ଦାଖଲ କରିବେ । ବିଲ୍ ଦାଖଲ ହେବାର ୧୫ ଦିନ ଭିତରେ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କ ଆକାଉଣ୍ଟ୍‌କୁ ପ୍ରାପ୍ୟ ଯିବ । ଯଦି ୧୫ ଦିନ ଭିତରେ ସାଂସ୍କୃତିକ ଦଳ ପାରିଶ୍ରମିକ ନ ପାଏ, ତେବେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଏନେଇ ଏକ ଏସ୍‌ଏମ୍‌ଏସ୍ ଆଲର୍ଟ ଯିବ । ଫଳରେ ଅଧିକାରୀମାନେ ଏହାର କାରଣ ଜାଣି ଶୀଘ୍ର ସେମାନଙ୍କ ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରିବେ । ପ୍ରକାଶଥାଉ କି, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ହେଉଥିବା କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ରାଜ୍ୟ ସଂସ୍କୃତି ବିଭାଗ ସାଂସ୍କୃତିକ ଦଳ ପଠାଇଥାଏ । ଏହି କ୍ଷେତ୍ରରେ ଆୟୋଜକମାନେ ସଂସ୍କୃତି ବିଭାଗକୁ ଆବେଦନ କରନ୍ତି ଓ ତାହା ମଞ୍ଜୁର ହେଲେ ବିଭାଗ ଆୟୋଜକଙ୍କ ଆବଶ୍ୟକତା ଅନୁଯାୟୀ ସାଂସ୍କୃତିକ ଦଳ ପଠାଇଥାଏ । କାର୍ଯ୍ୟକ୍ରମ ପରିବେଷଣ ପରେ ବିଭାଗ ସିଧାସଳଖ ସାଂସ୍କୃତିକ ଦଳକୁ ଅର୍ଥ ଦିଏ । କଳାକାରଙ୍କୁ ମଞ୍ଚ ଯୋଗାଇବା ଓ ସେମାନଙ୍କୁ ସିଧାସଳଖ ଆର୍ଥିକ ସହଯୋଗ ଯୋଗାଇବା ତଥା କଳାର ପ୍ରଚାରପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି ସମସ୍ତ କାରବାର ଅଫ୍‌ଲାଇନ୍‌ରେ ଚାଲୁଥିବାରୁ ଏହା ସମୟସାପେକ୍ଷ ହୁଏ । ଏପରିକି କଳାକାରମାନଙ୍କୁ ବହୁ ବିଳମ୍ବରେ ପ୍ରାପ୍ୟ ମିଳୁଥିବା ମଧ୍ୟ ଅଭିଯୋଗ ହୋଇ ଆସୁଛି । ସେହିପରି କିଛି ସାଂସ୍କୃତିକ ଦଳ ଅଧିକ ସୁଯୋଗ ପାଉଥିଲା ବେଳେ କିଛି ଦଳ ଥରେ ଦୁଇ ଥର ସୁଯୋଗ ପାଇବା ବି କଷ୍ଟକର ହୋଇପଡ଼େ । ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଏହି ସମସ୍ୟା ଆଉ ରହିବ ନାହିଁ ବୋଲି ବିଭାଗ ଆଶା ରଖିଛି ।


# ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ପୁଣି ୨ ଶହ ଉପରେ: ୩୭ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୬/୦୯ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ପୁଣି ୨ ଶହ ଉପରକୁ ଆସିଛି । ଗତକାଲି ୧୭୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୩୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୯୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୩୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୫ଟି ଜିଲ୍ଲାରୁ ୨୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୮ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବରଗଡ଼ ଜିଲ୍ଲାରୁ ୩, ଭଦ୍ରକରୁ ୩, ବଲାଙ୍ଗୀରରୁ ୫ ଜଣ, ବୌଦ୍ଧରୁ ୫, କଟକରୁ ୨୭ ଜଣ, ଦେବଗଡ଼ରୁ ୨, ଗଜପତିରୁ ୧ ଜଣ, ଗଞ୍ଜାମରୁ ୨, ଜଗତସିଂହପୁରରୁ ୭ ଜଣ, ଯାଜପୁରରୁ ୭ ଜଣ, ଝାରସୁଗୁଡ଼ାରୁ ୧, କଳାହାଣ୍ଡି ଜିଲ୍ଲାରୁ ୯ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୩, ଖୋର୍ଦ୍ଧା ଜିଲ୍ଲାରୁ ୬୮, କୋରାପୁଟରୁ ୨, ମୟୂରଭଞ୍ଜରୁ ୧ ଜଣ, ନବରଙ୍ଗପୁରରୁ ୧୪ ଜଣ, ନୟାଗଡ଼ ଜିଲ୍ଲାରୁ ୧୬ ଜଣ, ନୂଆପଡ଼ାରୁ ୪, ପୁରୀରୁ ୩ ଜଣ, ରାୟଗଡ଼ାରୁ ୨, ସମ୍ବଲପୁରରୁ ୭ ଜଣ, ସୋନପୁରରୁ ୧, ସୁନ୍ଦରଗଡ଼ରୁ ୨୧ ଜଣ ଓ ଷ୍ଟେଟପୁଲରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୮, ୮୫୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩, ୧୮, ୦୬୨ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୫୬୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଏନ୍‌ଆରସିରେ 'ସାମ୍' ପିଲାଙ୍କ ଖାଦ୍ୟ ଖର୍ଚ୍ଚ ବଢ଼ିଲା

ଭୁବନେଶ୍ୱର ,୬/୦୯ (ନି.ପ୍ର): କୁପୋଷଣର ଶିକାର ହୋଇ ପୁଷ୍ଟି ସାଧନ କେନ୍ଦ୍ର ବା ଏନ୍‌ଆରସିରେ ଚିକିତ୍ସିତ ହେଉଥିବା ପିଲାଙ୍କ ଖାଦ୍ୟ ଖର୍ଚ୍ଚ ବୃଦ୍ଧି କରାଯାଇଛି । ପୂର୍ବରୁ ଶିଶୁଙ୍କ ଦେ ?ନିକ ଖାଦ୍ୟ ଖର୍ଚ୍ଚ ୫୦ ଟଙ୍କା ଥିବା ବେଳେ ଏବେ ତାହା ୮୦ ଟଙ୍କାକୁ ବୃଦ୍ଧି ପାଇଛି । ଦରଦାମ୍ ବୃଦ୍ଧି ଯୋଗୁଁ ଖାଦ୍ୟ ଖର୍ଚ୍ଚକୁ ବୃଦ୍ଧି କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । କୁପୋଷଣକୁ କମାଇବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ମାତ୍ର ସ୍ଥିତିରେ ବିଶେଷ ସୁଧାର ଆସୁନାହିଁ । କିଛିବର୍ଷ ପୂର୍ବରୁ ଯାଜପୁର ଜିଲ୍ଲା ନଗଡ଼ାରେ ମାତ୍ରାଧିକ କୁପୋଷଣ ବା 'ସାମ୍' ଶିଶୁ ଦେଶବ୍ୟାପୀ ଚହଳ ସୃଷ୍ଟି କରିଥିଲା । ସରକାରୀ ହସ୍ପିଟାଲର ଶିଶୁରୋଗ ୱାର୍ଡରୁ ସେମାନଙ୍କୁ ଚିହ୍ନଟ କରାଯାଇ ଏନ୍‌ଆରସିରେ ଚିକିତ୍ସା କରାଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୭ଟି ଏନ୍‌ଆରସି କାର୍ଯ୍ୟକ୍ଷମ ରହିଛି । ଏନ୍‌ଆରସି ପାଇଁ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା ରହିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ଗାଇଡଲାଇନ୍ ମଧ୍ୟ ଜାରି କରାଯାଇଛି । ପୂର୍ବରୁ ଏନ୍‌ଆରସିରେ ଥିବା ପ୍ରତ୍ୟେକ ପିଲାଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୫୦ ଟଙ୍କା ରହିଥିଲା । ମାତ୍ର ବର୍ତ୍ତମାନର ପରିସ୍ଥିତିକୁ ନଜରରେ ରଖି ଖର୍ଚ୍ଚକୁ ୮୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାସହ ଏନ୍‌ଆରସିରୁ ବାହାରିବା ପରେ ପୂର୍ବରୁ ସଂପୃକ୍ତ ଶିଶୁକୁ ୩ଥର ଡାକ୍ତରଙ୍କ ପରାମର୍ଶ ନେବା ବାଧ୍ୟତାମୂଳକ ରହିଥିଲା । ମାତ୍ର ଏବେ ତାହାକୁ ୪ଥରକୁ ବୃଦ୍ଧି ପାଇଛି ।

# ଆଧୁନିକୀକରଣ କାର୍ଯ୍ୟ ପାଇଁ ୫ ଟ୍ରେନ୍ ବାତିଲ୍



ଭୁବନେଶ୍ୱର ,୬/୦୯ (ନି.ପ୍ର): ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ଅଧୀନ ଲାଖୋଲି-ରାୟପୁର ଆରଭି ବ୍ଲକ ହଟ୍‌ର ଦୋହରୀକରଣ ସମେତ କେତେକ ଆଧୁନିକୀକରଣ କାର୍ଯ୍ୟ ଲାଗି ୫ଟି ଟ୍ରେନ୍ ବାତିଲ୍ ହୋଇଛି । ସେଗୁଡ଼ିକ ହେଲା ଗାନ୍ଧୀଧାମ-ପୁରୀ ଗାନ୍ଧୀଧାମ ଏକ୍ସପ୍ରେସ୍ (୨୨୯୭୩/୨୨୯୭୪) ୭ ତାରିଖରେ ଗାନ୍ଧୀଧାମରୁ ଓ ୧୦ ତାରିଖରେ ପୁରୀରୁ, ବିଶାଖାପାଟଣା-କୋର୍ବା-ବିଶାଖାପାଟଣା ଏକ୍ସପ୍ରେସ୍ (୧୮୫୧୮/୧୮୫୧୭) ଆସନ୍ତା ୧୧ ତାରିଖରେ ବିଶାଖାପାଟଣାରୁ ଓ ୧୨ ତାରିଖରେ କୋର୍ବାରୁ, ରାୟପୁର-ଜୁନାଗଡ଼ ରୋଡ-ରାୟପୁର ସ୍ୱତନ୍ତ୍ର ଟ୍ରେନ୍ (୦୮୨୭୫/୦୮୨୭୬) ରାୟପୁରରୁ ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ଓ ଜୁନାଗଡ଼ ରୋଡ୍‌ରୁ ୭ରୁ ୧୭ ତାରିଖ ଯାଏ, ବିଶାଖାପାଟଣା-ଦୁର୍ଗ- ବିଶାଖାପାଟଣା (୧୮୫୩୦/୧୮୫୨୯) ଟ୍ରେନ୍ ବିଶାଖାପାଟଣାରୁ ସେପଟ୍ମେର ୬ରୁ ୧୨ ଓ ଦୁର୍ଗରୁ ଆସନ୍ତା ୭ରୁ ୧୩ ତାରିଖ ପର୍ଯ୍ୟନ୍ତ, ଟିଟିଲାଗଡ଼-ରାୟପୁର-ଟିଟିଲାଗଡ଼ ପାସେଞ୍ଜର ସ୍ୱତନ୍ତ୍ର(୦୮୨୭୭/୦୮୨୭୮) ଟ୍ରେନ୍ ସେପଟ୍ମେର ୬ରୁ ୧୨ ମଧ୍ୟରେ ଟିଟିଲାଗଡ଼ରୁ ଓ ଆସନ୍ତା ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ରାୟପୁରରୁ ବାତିଲ୍ ରହିବ । ଏଥିସହ ଦୁଇଟି ଟ୍ରେନ୍ ଆଂଶିକ ବାତିଲ୍ ହୋଇଥିବା ବେଳେ ୪ଟିର ମାର୍ଗ ପରିବର୍ତ୍ତନ ଓ ୯ଟିର ସମୟ ପରବର୍ତନ କରାଯାଇଛି ।

# ରେଳ ଉପଭୋକ୍ତା ସଂଘ ବଲାଙ୍ଗିର ଓ ବରଗଡ଼ ପକ୍ଷରୁ ସାଂସଦଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର,୬/୦୯ (ନି.ପ୍ର): ଜଏଂଟ କୋର୍ଡିନେସନ କମିଟି ବଲାଙ୍ଗିର ଓ ବରଗଡ଼ ସଂଘ ପକ୍ଷରୁ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କୁ ତାଙ୍କ ପାଟଣାଗଡ ସ୍ଥିତ ବାସଭବନରେ ସାକ୍ଷାତ କରିବା ଏବଂ ରେଳ ଉପଭୋକ୍ତାଙ୍କ ସୁବିଧା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କମିଟିର କନଭେନର ତଥା ବଲାଙ୍ଗିର ଜିଲା ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଓ ବରଗଡ ଜିଲା ସଭାପତି ପ୍ରଦୀପ ଦେବତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେମାନଙ୍କର ପ୍ରମୁଖ ଦାବି ଗୁଡିକ ହେଲା, ପୁରୀ-ସମ୍ବଲପୁର ଇଂଟରସିଟିକୁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ୬୦ ବର୍ଷର ବଲାଙ୍ଗିର ଓ ବରଗଡ ରେଳ ଲାଇନକୁ ଭାରତର ରାଜଧାନୀ ଦିଲ୍ଲୀ ସହ ସଂଯୋଗ କରିବାକୁ, ହୀରାକୁଦ-ବିଶାଖାପାଟଣା ଏକ୍ସପ୍ରେସକୁ ୩ ଦିନ ପାଇଁ ବିଶାଖାପାଟଣା-ଟିଟିଲାଗଡ-ବଲାଙ୍ଗିର-ବରଗଡ-ସମ୍ବଲପୁର ଦେଇ ଦିଲ୍ଲୀ ଯିବା ଆସିବା କରିବା । ଏହି ରୁଟ ଦେଇ ଦିଲ୍ଲୀ ଏହି ଟ୍ରେନ ଚାଲିଲେ ୨୨୭ କିଲୋମିଟର କମ୍ ପଡିବା ସହ ୪ ଘଂଟା ୩୦ ମିନିଟ୍ ସମୟ କମ୍ ପଡିବ । ଏହାସହ ରେଳ ବିଭାଗର ମଧ୍ୟ ଅଧିକ ଆୟ ହେବ ବୋଲି ସଂଘର ସଦସ୍ୟମାନେ ବଲାଙ୍ଗିର ସାଂସଦ ଶ୍ରୀମତି ସିଂହଦେଓଙ୍କୁ ଅବଗତ କରିଥିଲେ । ଏନେଇ ସାଂସଦ ପୂର୍ବରୁ ମଧ୍ୟ ଏହି ଦାବି ଗୁଡିକ ଉପସ୍ଥାପନ କରିଛି ଏବଂ ଆଗକୁ ମଧ୍ୟ ଏହି କାର୍ଯ୍ୟ ଶୀଘ୍ର କିପରି ହୋଇପାରିବ ସେନେଇ ରେଳମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଅଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ପରେ ବଲାଙ୍ଗିର ଜିଲା ରେଳ ଉପଭୋକ୍ତା ସଂଘ ସଭାପତି ଶ୍ରୀ ମିଶ୍ର ବଲାଙ୍ଗିର ରେଳ ଷ୍ଟେସନର ସୁବିଧା ଅସୁବିଧା ନେଇ ସାଂସଦଙ୍କୁ ଅବଗତ କରିବା ସହ ବଲାଙ୍ଗିର ରେଳ ଷ୍ଟେସନରେ ଲାଗିବାକୁ ଥିବା ଲିଫ୍ଟ ଓ ଟିକେଟ କାଉଂଟରରୁ ପ୍ଲାଟଫର୍ମ ଗେଟ୍ ପର୍ଯ୍ୟନ୍ତ ତିଆରି ହେବାକୁ ଥିବା ସେଡ୍ କାର୍ଯ୍ୟ ଡେରି ହେଉଥିବା ନେଇ ସୂଚନା ଦେଇଥିଲେ । ସାଂସଦ ବହୁଦିନରୁ ଏହା ଆପୃଭାଲ ହୋଇ ସାରିଥିବା ବେଳେ କାହିଁକି ଡେରି ହେଉଛି ସେନେଇ ବିଭାଗୀୟ ଅଧିକାରୀମାନଙ୍କୁ ପଚାରି ବୁଝିବେ ବୋଲି କହିଥିଲେ । ସାଂସଦଙ୍କ ସହ ଅଲୋଚନା ସମୟରେ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉପସ୍ଥିତ ଥିବା ବେଳେ ବରଗଡ ରେଳ ଉପଭୋକ୍ତା ସଂଘର ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସଂପାଦକ କମଳ କୁମାର ଯୋଶୀ, ସହ ସଂପାଦକ କିଶୋର ରଥ, କୋଷାଧ୍ୟକ୍ଷ ଅଭିଜିତ୍ ପ୍ରତିହାର ଓ ସଂଜୟ ମେହେର ଉପସ୍ଥିତ ଥିବା ବେଳେ ବଲାଙ୍ଗିର ରେଳ ଉପଭୋକ୍ତା ସଂଘର ସହସଂପାଦକ ଦିବାକର ହୋତା, କୋଷାଧ୍ୟକ୍ଷ ଅଶୋକ କୁମାର ଚାନ୍ଦ, କାର୍ଯ୍ୟକାରିଣୀ ସଦସ୍ୟ ଋତୁରାଜ ସିଂହ, ରାମ କିଶୋର ସାଏ, କମ୍ବୁପାଣୀ ପୁଝାରୀ, ଜିତୁ ଦାଶ, ଚର୍ଚ୍ଚିଲ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସାଂସଦ ଶ୍ରୀମତି ସିଂହଦେଓଙ୍କୁ ରେଳ ଉପଭୋକ୍ତା ସଂଘ ଜଏଂଟ କୋର୍ଡିନେସନ କମିଟି ତରଫରୁ ଏକ ପଟଚିତ୍ର ପ୍ରଦାନ କରାଯାଇଥିଲା ।

# ଠିକାଦାରପଡା ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବଲାଙ୍ଗିର,୬/୦୯ (ନି.ପ୍ର): ସ୍ଥାନୀୟ ଠିକାଦାରପଡା ପୂଜା ମଣ୍ଡପ ପରିସରରେ ଚଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବି ପ୍ରବୀଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଆୟୋଜକ କମିଟିର ସଭାପତି ପ୍ରବିଣ ମିଶ୍ର, ସାଧାରଣ ସଂପାଦକ କାଳି ଚରଣ ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ଶେଷଦେବ ୟୁଏଡ ମନୋନିତ ହୋଇଥିଲେ । କମିଟିର ସଭ୍ୟ ରୂପେ ଧ୍ରୁବ ୟୁଏଡ, ସୁରେନ୍ଦ୍ର ବାଗ, ପ୍ରଦ୍ୟୁତ ଖୁଆସ, ମଧୁ ବିଶ୍ୱାଳ, ରଂଜିତ ବେହେରା, ଦେବେନ ପାତ୍ର, ଅନିଲ ପାଣିଗ୍ରାହୀ, ସମିର ମିଶ୍ର, ମନୋଜ ସାହୁ, ରାଜିବ ସ୍ୱାଇଁ, ଲକ୍ଷିନ୍ଦ୍ର ସାହୁ, ଦେବା ହରିହା ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ । ବିଗତ ଦୁଇ ବର୍ଷ କରୋନା କଟକଣାରେ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ ମହା ଆଡମ୍ବରରେ ପୂଜା କରିବା ପାଇଁ ମତ ପ୍ରକାଶ ପାଇଥିଲା । ବରିଷ୍ଠ ସଭ୍ୟ ସୂର୍ଯ୍ୟ ନାରାୟଣ ମିଶ୍ର, ପ୍ରଦୀପ ସାମନ୍ତରାୟ, ମୁରାରୀ ମୋହନ ପଟ୍ଟନାୟକ, ଇଶ୍ୱର ଚିରଗୁନ, ନରେନ୍ଦ୍ର ଜାଲ, ସରୋଜ ଗୁରୁ ଦୁର୍ଗାପୂଜାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ମତ ଦେଇଥିଲେ ।

# ଗଣେଶ ବିସର୍ଜନ ସମୟରେ ଗଣ୍ଡଗୋଳ: ଜଣେ ଗିରଫ

ଜୟପୁର ,୬/୦୯ (ନି.ପ୍ର): ଜୟପୁର ସହରରେ ଗଣେଶ ବସର୍ଜନ ସମୟରେ ଗଣ୍ଡଗୋଳ ମାମଲାରେ ଜଣକୁ ଗିରଫ କରିଛି ଟାଉନ ପୋଲିସ । ଗିରଫ ଜଣକ ହେଲା ନୁଆସାହି ୪ର୍ଥ ଲାଇନର ସାମୁଏଲ ସାଗର । ପୋଲିସ ସୂଚନା ଅନୁଯାୟୀ ଗତକାଲି ନୁଆସାହି ୪ର୍ଥ ଲାଇନରେ ଗଣେଶ ମେଢ ବିସର୍ଜନ ଚାଲୁଥିବା ସମୟରେ ଅଭିଯୁକ୍ତ ନାଚ କରିବାକୁ ଯାଇଥିଲେ । ସେଠାରେ ପୂଜା କମିଟି ମନା କରିବାରୁ ଅଭିଯୁକ୍ତ ଉତ୍ୟକ୍ତ ହୋଇ ଏକ ମ୍ୟାକ୍ସ ପିକଅପ ଗାଡିର କାଚକୁ ପଥରରେ ଭାଙ୍ଗିବା ସହ ଏକ ମାରଣାସ୍ତ୍ର ଦ୍ୱାରା ୨ ଜଣକୁ ଆକ୍ରମଣ କରିଥିଲେ । ଏଥିରେ ୨ ଜଣ ଆହତ ହୋଇଥିଲେ । ଏନେଇ ଜୟପୁର ଟାଉନ ପୋଲିସରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ସୁତ୍ରରୁ ପ୍ରକାଶ ।

## ଗୁରୁକୁଳ ଆଶ୍ରମରେ ଆଦର୍ଶ ଗୁରୁ ଗୌରବ ସମ୍ମାନ ପ୍ରଦାନ ସମାରୋହ

ବସ୍ତା, ୦୬/୦୯ (ନି.ପ୍ର): ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କୁ ନେଇ ପିଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମ ପରିସରରେ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟଜୀ ଙ୍କ ସଭାପତିତ୍ୱ ରେ ଏକ ନିଆରା ଢଙ୍ଗରେ ଗୁରୁଦିବସ ସମୋବାର ଅପରାହ୍ନ ରେ ପାଳିତ ହୋଇଯାଇଅଛି । ଆଶ୍ରମର ବ୍ରହ୍ମଚାରୀଙ୍କ ଦ୍ୱାରା ଗୁରୁ ମାନଙ୍କର ପଦଧୌତ କରାଯାଇ ଚନ୍ଦନ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା ।ଏହାପରେ ଆଶ୍ରମର କର୍ମକର୍ତ୍ତା ମାନଙ୍କ ଦ୍ୱାରା ସମସ୍ତ ଗୁରୁ ମାନଙ୍କୁ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ନୀଳମଣି ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ବଂଶୀଧର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟ କ୍ରମ କୁ ଉଦ୍ଘାଟନ କରିଥିଲେ ଏବଂ ସମସ୍ତ ଶିକ୍ଷକଙ୍କ ସମେତ ଅତିଥି ଗଣ ସାମୂହିକ ଦ୍ୱିପ ପ୍ରଜ୍ୱଳନ ସହିତ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫୋଟ ଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ ।ଏହି ଅବସରରେ ପଣ୍ଡିତ ସୁରେନ୍ଦ୍ର ସିଂହ ବେଦମନ୍ତ୍ର ପାଠ କରିଥିଲେ । ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ସାମ୍ପ୍ରତିକ ସମାଜ ରେ ଗୁରୁମାନଙ୍କର ଭୂମିକାଓ ଆଶ୍ରମରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ବିଷୟରେ ସମ୍ୟକ୍ ବିବରଣୀ ପ୍ରଦାନ କରିବା ପରେ,ବରେଣ୍ୟ ଅତିଥି ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା ବାସ୍ତବ ଗୁରୁ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁପରମ୍ପରାର ମହାନତା ଉପରେ ଉପସ୍ଥାପନା କରିବା ସହିତ ମାନବ ଜୀବନ ପାଇଁ ଗୁରୁ ହିଁ କର୍ଣ୍ଣଧାର ତଥା ଗୁରୁବିନା ମୁକ୍ତି ନାହିଁ ବୋଲି ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ପାଣିଗ୍ରାହୀ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ସମୟର ଚକ୍ର ର ସମ୍ପାଦକ ଶ୍ରୀଯୁକ୍ତ ସର୍ବେଶ୍ୱର ଜେନା, ସମାଜସେବୀ ଭଗବାନ ମହାପାତ୍ର, ଶ୍ରୀଯୁକ୍ତ ସୁଧାକର ଗିରି ଆଦି ପ୍ରମୁଖ ବ୍ୟକ୍ତି ଗଣ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଅନ୍ୟୁନ ୫୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଗୁରୁକୁଳ ତରଫରୁ, ଆଦର୍ଶ ଗୁରୁ ଗୌରବ ସମ୍ମାନ ରେ ମାନପତ୍ରଦେଇ ସମ୍ମାନିତ କରାଯାଇଥିଲା। ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ସ୍ତରୀୟ ଗୁରୁଦିବସ ପାଳନ ସମାରୋହ : ୭୦ କୃତୀ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ



ବାରିପଦା, ୦୬/୦୯ (ନି.ପ୍ର): ପ୍ରୟାସ ସମ୍ମିଳନୀ କକ୍ଷରେ ପବିତ୍ର ଗୁରୁଦିବସ ଅବସରରେ ଜିଲ୍ଲା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି ଓ ଏହି ଉତ୍ସବରେ ୯ ଜଣ ଅବସରପ୍ରାପ୍ତ କୃତୀ ଶିକ୍ଷକ ଆନନ୍ଦ ଚନ୍ଦ୍ର ପୃଷ୍ଟି, ସୁବାସିନୀ ପତି, ସୌଦାମିନୀ ପଣ୍ଡା, ଉପେନ୍ଦ୍ର ନାଥ ଖଣ୍ଡେଇ, ବୁଧୁରାମ ସିଂ, ହିମାଂଶୁ କୁମାର ସି, ଅଜୟ କୁମାର ବାରିକ, ରଂଜିତ ପଟ୍ଟନାୟକ ଓ ଦମୟନ୍ତୀ ମହାନ୍ତଙ୍କ ସମେତ ଜିଲ୍ଲାର ୨୬ ଟି ବ୍ଲକରୁ ମୋଟ ୭୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଦେଶର ଭବିଷ୍ୟତ ତଥା ସମାଜ ଗଠନରେ ଗୁରୁ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ସମ୍ମାନନୀୟା ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ପ୍ରାଥମିକ ଶିକ୍ଷକଙ୍କ ଭୂମିକା ଛାତ୍ର ଛାତ୍ରୀମାନଙ୍କ ମନରେ ଜୀବନ ସାରା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି ଶିକ୍ଷକ ମାନଙ୍କର ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ସଂଗଠନର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆବାହକ ବିମଳ କୁମାର ଆଚାର୍ଯ୍ୟ, ସଂଯୋଜକ ହରେକୃଷ୍ଣ ବାରିକ, କାର୍ଯ୍ୟକର୍ତ୍ତା ଆରତ କୁମାର ପରିଡା, ରାକେଶ କୁମାର ପ୍ରଧାନ ଓ ଛବିଲତା ବାରିକ ଗୁରୁଦିବସର ତାତ୍ପର୍ଯ୍ୟକୁ ଉପଲବ୍ଧି କରି ସୁସ୍ଥ ସମାଜ ଗଠନ ଦିଗରେ ବ୍ରତି ହେବା ପାଇଁ ଶିକ୍ଷକ ସମାଜକୁ ଆହ୍ୱାନ ଦେଇଥିଲେ । ସୋମନାଥ ସିଂହ ମଂଚ ପରିଚାଳନା କରିଥିବା ବେଳେ ମିଡ଼ିଆ ସମ୍ପାଦକ ଗଦାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିକ୍ଷକ ଶିବ କୁମାର ମହାପାତ୍ର, ବଳରାମ ନାଥ, ଯାମିନୀ କାନ୍ତ ପଣ୍ଡା, ସିଦ୍ଧେଶ୍ୱର ମିଶ୍ର, ପ୍ରଦୀପ ନାଥ, ଶିବ ନାରାୟଣ ମହାନ୍ତ, ରାଜେନ୍ଦ୍ର ମହାନ୍ତ, ଭବେଶ ପାଣିଗ୍ରାହୀ, ଅନିଲ ମହାନ୍ତ, ପ୍ରବୀଣ ମହାନ୍ତ, ପୁରୁଷତମ ମହାନ୍ତ, ଚିରଂଜୀବ ବେହେରା, ମିନର୍ଭା ଦାସ, ରତ୍ନା ବାନାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ବିନୋଦ ବିହାରୀ ପଣ୍ଡା 'ଗୁରୁବ୍ରହ୍ମା' ସମ୍ମାନରେ ସମ୍ମାନିତ



ନୀଳଗିରି,୦୬/୦୯ (ନି.ପ୍ର): ପବିତ୍ର ଗୁରୁ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ଅଧିନସ୍ଥ ବାଲିଗୋହିରୀ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କୁ ଗୁରୁବ୍ରହ୍ମା ସମ୍ମାନରେ ଓଡିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସମ୍ମାନିତ କରିଛନ୍ତି। ଦୈନିକ ଖବର କାଗଜ ସକାଳ ଏବଂ ନନ୍ଦିଘୋଷ ଟିଭି ମିଳିତ ଆନୁକୂଲ୍ୟରେ ଅୟୋଜିତ ଗୁରୁବ୍ରହ୍ମା ସମ୍ମାନ -୨୦୨୨ ସମାରୋହରେ ଶ୍ରୀଯୁକ୍ତ ପଣ୍ଡାଙ୍କୁ ସମ୍ମାନିକ କରାଯାଇଛି। ଗୁରୁଶିଶୁ ମଧ୍ୟରେ ଥିବା ସମ୍ପର୍କ ଅତି ନିବିଡ ଏବଂ ପ୍ରତ୍ୟେକ ଶିକ୍ଷକ ନିଜର ନିଷ୍ପାପର ଶିକ୍ଷାଦାନ ପାଇଁ ହିଁ ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ କରିଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନିଜ ବକ୍ତବ୍ୟରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ଏହି ସମାରୋହରେ ଓଡିଶାର ଗଣଶିକ୍ଷାମନ୍ତ୍ରୀ ସମୀରରଂଜନ ଦାସ, ସିଭିରମଣ ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ ରାଉତ, ନନ୍ଦିଘୋଷ ଟିଭିର ସିଇଓ ଜବରସିଂ ପନୱାର ପ୍ରମୁଖ ଅତିଥି ମଂଚାସୀନ ଥିଲେ। ଶ୍ରୀଯୁକ୍ତ ପଣ୍ଡାଙ୍କ ଗୁରୁବ୍ରହ୍ମା ସମ୍ମାନ ଖବର ପାଇବା ପରେ ନୀଳଗିରିର ବହୁ ବୁଦ୍ଧିଜୀବି ଅଭିଭାବକ ଏବଂ ଛାତ୍ରଛାତ୍ରୀ ମାନଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ଏହା ପୂର୍ବରୁ ଶ୍ରୀଯୁକ୍ତ ପଣ୍ଡା ତାଙ୍କ ଶିକ୍ଷକତା ଜୀବନରେ ବହୁ ସରକାରୀ ଏବଂ ବେସରକାରୀ ସ୍ତରରେ ସମ୍ମାନିତ ହୋଇଛନ୍ତି।

## ପାର୍ବଣ ଆଖଡ଼ା ଖେଳ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୦୬/୦୯ (ନି.ପ୍ର): ମହାବୀର ଆଖଡା ସଂଘ ପକ୍ଷରୁ ଚଳିତ ବର୍ଷ ପାର୍ବଣରେ ବାଲେଶ୍ୱରର ପାରମ୍ପରିକ ଆଖଡା ଖେଳ ପ୍ରଦର୍ଶନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସହରର ମାକଳପୁରସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ସଂଘର ସଭାପତି ଗୋପୀନାଥ ଶତପଥୀ ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ଉପ-ସଭାପତି ତଥା କାଉନସିଲର ପଦ୍ମଲୋଚନ ଲେଙ୍କା ଓ ମନୋଜ ରାଉତଙ୍କ ସମେତ ବାଲେଶ୍ୱର ସହରର ବିଭିନ୍ନ ଆଖଡା କମିଟିର କର୍ମକର୍ତାମାନେ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରମ୍ପରା ଅନୁସାରେ ଆଗାମୀ ବୀରାଷ୍ଟମୀ ଓ ଦଶହରା ଦିନ ଆଖଡ଼ା ଖେଳ କିଭଳି ଶାନ୍ତି ଶୃଙ୍ଖଳାର ସହ ପ୍ରଦର୍ଶନ ହେବ, ସେ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଜିଲା ପ୍ରଶାସନ, ପୁଲିସ ଏବଂ ଆଖଡ଼ା କମିଟିର କର୍ମକର୍ତାଙ୍କୁ ନେଇ ଆଉଏକ ବୈଠକ ହେବ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଥିଲା । ଖେଳ ପ୍ରଦର୍ଶନକାରୀ ଯେପରି ନିଶା ସେବନ ନ କରନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ସଂଘ ପକ୍ଷରୁ ପ୍ରତ୍ୟେକ ଆଖଡା କମିଟିର ମୁଖ୍ୟଙ୍କୁ ନିବେଦନ କରାଯାଇଛି। ଚଳିତ ବର୍ଷ ନୂଆ ଦଳ ଭାବେ ଯାଦବ ମହାସଂଘ ଓ ଦୂର୍ଗା ବାହିନୀ ଆଖଡ଼ା ଖେଳ ପ୍ରଦର୍ଶନରେ ସାମିଲ ହେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ବାରିପଦା, ୦୬/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ସେପ୍ଟେମ୍ବର ମାସର ପ୍ରଥମ ସୋମବାର ତା.୦୫.୦୯.୨୦୨୨ ରିଖରେ ଜିଲ୍ଲା ସଦରମହକୁମା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ବିନୀତ ଭରଦ୍ୱାଜ୍, ଭା.ପ୍ର.ସେ. ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ମୟୂରଭଞ୍ଜ ଶ୍ରୀ ଋଷିକେଷ ଦ୍ୟାନଦେଓ ଖିଲାରୀ, ଭା.ପୋ.ସେ.ଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜନସାଧାରଣ ଙ୍କ ଠାରୁ ଗୃହୀତ ହୋଇଥିବା ମୋଟ ୭୯ଟି ବିଭିନ୍ନ ଆପତି ଅଭିଯୋଗର ସମସ୍ୟା ସଂପର୍କୀତ ଶୁଣାଣୀ ହୋଇଥିଲା। ଏଥିରେ ୬୮ ଟି ଅଭିଯୋଗ ପତ୍ର ବ୍ୟକ୍ତିଗତ ଓ ୧୧ ଟି ଅଭିଯୋଗ ପତ୍ର ଗ୍ରାମବାସୀଙ୍କ ସାମୂହିକ ବିଭିନ୍ନ ସମସ୍ୟା ସଂପର୍କୀତ ଆପତି ଅଭିଯୋଗ ଉପରେ ଶୁଣାଣି ହୋଇଥିବାବେଳେ ୭ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ସହାୟତା ପାଇଁ ଆସିଥିବା ୫ଟି ଆବେଦନ ପତ୍ର ଉପରେ ବିଚାର କରି ମୋଟ ୪୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ଶିବିରରେ ଶୁଣାଣୀ ହୋଇଥିବା ଅଭିଯୋଗ ବିଷୟ ପ୍ରସଙ୍ଗ ସମସ୍ୟା ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସବିଶେଷ ତଦନ୍ତ କରି ତଥା ଅନୁଧ୍ୟାନ ପୂର୍ବକ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବାରିପଦା ଅନ୍ୟା ଦାସ ଭାପ୍ରସେ ପ୍ରମୁଖ ସମେତ ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡ ର ସମସ୍ତ ତହସିଲଦାର, ବି.ଡି.ଓ. ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ପରଲୋକ

ଖଇରା, ୦୬/୦୯ (ନି.ପ୍ର): ଖଇରା ବଜାର ରେ ୮୦ବର୍ଷ ଧରି ହୋଟେଲ ତଥା ଅନ୍ୟାନ୍ୟ ବ୍ୟବସାୟ ମାଧ୍ୟମରେ ଖାଉଟିଙ୍କ ସହ ନିଆରା ସମ୍ପର୍କ ସ୍ଥାପନ କରିଥିବା ସୁଦର୍ଶନ ବାରିକ(୯୨) ଙ୍କର ଗତ ୩ତାରିଖ ସକାଳେ ପରଲୋକ ଘଟିଛି। ୧୬ବର୍ଷ ବୟସରେ ସେ ବ୍ୟବସାୟରେ ପାଦ ଥାପି ଥିଲେ । ଏହା ମଧ୍ୟରେ ଖଇରା ବଜାର କମିଟିରେ ସଭ୍ୟ,କାଳିପୁଜା କମିଟିରେ ସମ୍ପାଦକ,ଗୀତାଯଜ୍ଞ କମିଟିରେ ସଭ୍ୟ ଭାବେ ରହି କମିଟିକୁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ । ତାଙ୍କର ମୃତ୍ୟୁ ଖବର ପାଇଁ ଖଇରା ବଜାରର ବହୁ ବ୍ୟବସାୟୀ, ଶୁଭେଚ୍ଛୁ, ଦୁର୍ଗାପୁଜା କାଳିପୁଜା କମିଟି ସମେତ ଅନ୍ୟନ୍ୟ ବହୁ ସଂଗଠନର କର୍ମକର୍ତ୍ତା ମାନେ ଶେଷ ଦର୍ଶନ କରିଥିଲେ ।

## କୁରୁଣ୍ଠା ପଞ୍ଚାୟତରେ ଭାଜପାର ସମୀକ୍ଷା ବୈଠକ



ଖଇରା, ୦୬/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଠା ପଞ୍ଚାୟତ ମିରିପୁର ଖଇରା ଗ୍ରାମରେ ଭାଜପାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଭଜପା ଯୁବନେତା ତଥା ଜିଲା ପରିଷଦ ପ୍ରାର୍ଥୀ ଇଂ ରାଜେଶ ମହାକୁଡ ଯୋଗ ଦେଇ ଗ୍ରାମ ସାହୁ ସାହିର ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ । ଗ୍ରାମର ବହୁ ହିତାଧିକାରୀ ଭତ୍ତା, ରେସନକାର୍ଡ ଭଳି ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବାରୁ ପ୍ରଶାସନ ନଜରକୁ ଆଣି ସହାୟତା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ । ଗ୍ରାମରେ ଥିବା ଏକ ପୁରୁଣା ମନ୍ଦିର ଚତୁପାର୍ଶ୍ୱରେ ବର୍ଷାଜଳ ଅନେକ ସମୟରେ ଜମି ରହିବା ବିଷୟ ଗ୍ରାମବାସୀ ଉଠାଇବା ପରେ ଏହାର ପ୍ରତିକାର ନିଜ ଅର୍ଥରେ କରିବାକୁ ପ୍ରତିଶୃତି ଦେଇଥିଲେ । ବିଗତ ନିର୍ବଚନରେ ପରାଜୟ ସତ୍ତ୍ୱେ ଇଂ ମହାକୁଡ ଲୋକଙ୍କ ନିକଟରେ ପହଞ୍ଚି ସମସ୍ୟା ବୁଝିଥିବାରୁ ସ୍ଥାନୀୟ ବାସିନ୍ଦା ଆତ୍ମସନ୍ତୋଷ ପ୍ରକାଶ କରିଥିଲେ । କୁରୁଣ୍ଠା ସରପଞ୍ଚ ରଘୁନାଥ ଜେନା, ସମତିସଭ୍ୟା ପ୍ରତିନିଧି ବସନ୍ତ କୁମାର ମାଝୀ, ପଞ୍ଚାୟତ ସଭାପତି ଜୟନ୍ତ ମହାପାତ୍ର, ମାନସ ବେହେରା, କମଳଲୋଚନ ପ୍ରଧାନ, ଅକ୍ଷୟ କୁମାର ଦାସ, ଲମ୍ବୋଦର ବେହେରା, କୈବଲ୍ୟ ଦତ୍ତ, ମହେନ୍ଦ୍ର ବାରିକ ଗୋଲକ ବାରିକ, ଗଜେନ୍ଦ୍ର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ପିତୃମାତୃହୀନ ଦୁଇଜଣ ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଆଗରେ ହାଜର କରାଗଲା



ଭଦ୍ରକ,୦୬/୦୯ (ନି.ପ୍ର): ମା'ର ଦଶଦିନ କ୍ରିୟା ଦିନ ବାପାଙ୍କର ମୃତ୍ୟୁ ସମ୍ବାଦ ବିଭିନ୍ନ ଗଣମାଧମରେ ପ୍ରସାରିତ ହେଲା ପରେ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ୍‌ଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ଦୁଇଜଣଙ୍କୁ ଆଜି ଶିଶୁ ମଙ୍ଗଳ ସମିତି ଆଗରେ ହାଜର କରାଯାଇଥିଲା। ବଣିଆ ପଞ୍ଚାୟତ ଅଧୀନସ୍ଥ ଭଗବାନପୁର ଗ୍ରାମରେ ମା'ର ଦଶଦିନ କ୍ରିୟା ଦିନ, ବାପାଙ୍କର ମୃତ୍ୟୁ ହୋଇଥିବା ମାତୃପିତୃହୀନ ଶିଶୁଙ୍କୁ ଆଜି ଚାଇଲ୍ଡ ଲାଇନ ପକ୍ଷରୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଆଗରେ ହାଜର କରାଯାଇଥିଲା। ସମସ୍ତ ଘଟଣା ଶୁଣି ସାରିବା ପରେ ଶିଶୁ ମଙ୍ଗଳ ସମିତିର ନିଷ୍ପତ୍ତି କ୍ରମେ ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ୍ ଶିଶୁ ଦୁଇଟିଙ୍କୁ ଜେଜେବାପା ଓ ଜେଜେମାଆଙ୍କ ହେପାଜତରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ରିୟାକର୍ମ ସରିଲା ପରେ ଉପଯୁକ୍ତ ତଦନ୍ତ କରାଯାଇ ଶିଶୁ ଦୁଇଜଣଙ୍କୁ ସ୍ଥାୟୀ ଭାବରେ ଥଇଥାନ କରାଯିବ ବୋଲି ଡ. ବାରିକ ମତବ୍ୟକ୍ତ କରିବା ସଙ୍ଗେସଙ୍ଗେ ସରକାରଙ୍କ ଯୋଜନା ଅନୁଯାୟୀ ଶିଶୁ ଦୁଇଜଣଙ୍କୁ ସମସ୍ତ ସାହାଯ୍ୟ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଡ. ବାରିକ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲା ଶିଶୁ ମଙ୍ଗଳ ସିମତିର ସଦସ୍ୟ ସତ୍ୟ ସୁନ୍ଦର ପୁହାଣ, ପ୍ରଦୀପ୍ତ କୁମାର କର, ସଂଗୀତା ଗିରି, ସ୍ମୃତିରେଖା ମହାନ୍ତି, ମନୋଜ ଦାସ, ଚାଇଲ୍ଡ ଲାଇନ୍‌ର ସଦସ୍ୟ ରମାକାନ୍ତ ଜେନା, ସଂଯୁକ୍ତା ମଲ୍ଲିକ, ପ୍ରଶାନ୍ତ ମହାପାତ୍ର, ବିକାଶ ରାଉତ ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାଜଧାନୀରେ ୪୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୦୬/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ମୋଟ ୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୩୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୧୫୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୩ ହଜାର ୨୩ ଜଣ ସୁସ୍ଥ ହୋଇଛନ୍ତି।

## ବନ୍ୟା କ୍ଷୟକ୍ଷତି ତାଲିକାରୁ ସଦର ବ୍ଲକ ବାଦ

### କ୍ଷତିଗ୍ରସ୍ତଙ୍କୁ ସହାୟତା ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବ ବିଜେପି


ବାଲେଶ୍ୱର,୦୬/୦୯ (ନି.ପ୍ର): ଲଘୁଚାପ ଜନିତ ଗତ ଲଗାଣ ବର୍ଷାରେ ସୃଷ୍ଟି ହୋଇଥିବା ବନ୍ୟା ପରିଚାଳନାରେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ସଦର ବିଜେପି ପକ୍ଷରୁ ଉଠିଛି ପ୍ରତିବାଦର ସ୍ୱର। ବିଜେପି ସଦର ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ ଯୋଗଦେଇ ବନ୍ୟା କ୍ଷୟକ୍ଷତି ଆକଳନରୁ ସଦର ବ୍ଲକର କ୍ଷତିଗ୍ରସ୍ତଙ୍କୁ ବାଦ ଦେବାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଗତ ଅଗଷ୍ଟ ମାସ ଶେଷ ସପ୍ତାହରେ ଲଘୁଚାପ ଜନିତ ପ୍ରବଳ ବର୍ଷା ସାଙ୍ଗକୁ ଉପର ମୁଣ୍ଡ ପାଣିରେ ବୁଢାବଳଙ୍ଗ, ସୋନ, ଗଙ୍ଗାହାର, ଜଳକା ତଥା ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଆଶାତୀତ କ୍ଷତି ହୋଇଥିଲା। ବିଶେଷ କରି ଜଳକା ଓ ବୁଢାବଳଙ୍ଗ ନଦୀର ବନ୍ୟାଜଳରେ ସଦର ବ୍ଲକର ଶ୍ରୀରାମପୁର, ରସଲପୁର, କୁରାଡିହା, କସିପଦା, ଆଙ୍କ, ହଳଦୀପଦା, ସାର୍ଥା, ପାଞ୍ଚପଡା, ନଗ୍ରମ, ଓଲନ୍ଦା ସାରଗାଁ, ବୁଆଁଳ, ଓଡଙ୍ଗୀ, ସିନ୍ଧିଆ, ବଇଁଚା, ଛାନୁଆ ପ୍ରଭୃତି ପଂଚାୟତ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଏହି ସବୁ ପଞ୍ଚାୟତ ଅଂଚଳରେ ଚାଷ ଜମି ୭/୮ ଦିନ ଧରି ପାଣି ବୁଡିରହିବା ଫଳରେ ରୁଆ କାର୍ଯ୍ୟ ଚାଲିଥିବା ଓ ଅଳ୍ପ ଦିନ ଆଗରୁ ରୁଆ ସରିଥିବା ଧାନ ଗଛ ପଚି ଯିବା ସହିତ ହଜାର ହଜାର ହେକ୍ଟର ଜମିରେ ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଶ୍ରୀ ଦତ ପ୍ରକାଶ କରିଛନ୍ତି। ସୁବର୍ଣ୍ଣରେଖା ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ତଦନ୍ତ ରିପୋର୍ଟ ଅନୁଯାୟୀ ସରକାର ବସ୍ତା, ବାଲିଆପାଳ, ଭୋଗରାଇ, ଜଳେଶ୍ୱର ବ୍ଲକରେ ପାଖାପାଖି ୮ ହଜାର ହେକ୍ଟର ଜମିରେ ଚାଷ ନଷ୍ଟ ହୋଇଥିବାର ଘୋଷଣା କରିଥିବା ବେଳେ ସଦର ବ୍ଲକକୁ ଏଥିରେ ସାମିଲ ନକରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଶ୍ରୀ ଦତ କହିଛନ୍ତି। ନଷ୍ଟ ହୋଇଥିବା ଚାଷଜମିରେ ଆଉ ଧାନ ରୋଇବାର ସମୟ ଅଥବା ସମ୍ଭାଚନା ନଥିବାରୁ ସଦର ବ୍ଲକର କ୍ଷତିଗ୍ରସ୍ତ ଚାଷୀ ନିରାଶ ହୋଇଛନ୍ତି । ପ୍ରଶାସନର ତ୍ରୁଟିପୂର୍ଣ୍ଣ ତଦନ୍ତ ଯୋଗୁଁ ଏବେ ବି ପ୍ରକୃତ ଚାଷୀ କାଳିଆ ଓ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରୁ ବଂଚିତ ହୋଇଛନ୍ତି । ରାଜ୍ୟ ସରକାର ସଦର ବ୍ଲକରେ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ଚାଷର କ୍ଷୟକ୍ଷତି ସଠିକ ଭାବେ ଆକଳନ ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ଉଚିତ କ୍ଷତିପୂରଣ ପ୍ରଦାନ ଘୋଷଣା ପାଇଁ ଶ୍ରୀ ଦତ ଦାବି କରିଛନ୍ତି । ଅନ୍ୟଥା ଚାଷୀଙ୍କ ହକ୍ ପାଇଁ ବିଜେପି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ସେ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ରବିନାରାୟଣ ପ୍ରଧାନ, ବିଜୟ ଦାସ, ଲୋକନାଥ ଭୂୟାଁ, ଅନନ୍ତ ନାୟକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଦେଢ଼ବର୍ଷ ପୂର୍ବେ ୭୫ ଭାଗ ପୋଡି ଚାଲିପାରୁନଥିବା ଲିପିକୁ ସହାୟ ହେବ କିଏ !



ଭଦ୍ରକ, ୦୬/୦୯ (ନି.ପ୍ର): ମାସେ ନୁହେଁ କି ବର୍ଷେ ନୁହଁ, ଦୀର୍ଘ ଦେଢବର୍ଷ ତଳେ ଜଣେ ଭୂମିହୀନ ଦିନ ମଜୁରିଆର ପତ୍ନୀ ଗର୍ଭବତୀ ଥାଇ ୭୫ ଭାଗ ପୋଡିଯିବା ପରେ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ ପର୍ଯ୍ୟନ୍ତ ସହାୟତା ମାଗି କେବଳ ପ୍ରତିଶ୍ରୁତିରେ ଯନ୍ତ୍ରଣା ଜର୍ଜରିତ ଅବସ୍ଥାରେ ଦହଗଞ୍ଜ ହୋଇ ଚାଲିନପାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ଲୋକଙ୍କ ସହାୟତା ପାଇଁ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ଜରିଆରେ ସହାୟତାର ରାଶି ମଂଜୁର କରିଥିବାବେଳେ ଏହି ନିରାଶ୍ରୟ ପରିବାରଟି ରାଜନେତାଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ଦୌଡି ନିରାଶ ହେବା ଘଟଣା ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ପରିହାସ କରିଛି। ଏ ସଂପର୍କରେ ମିଳିଥିବା ତଥ୍ୟ ଅନୁସାରେ ଏହି ଜିଲାର ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ବାଂଶଡା ପଞ୍ଚାୟତର ବିଜିପୁର ନିବାସୀ ସରୋଜ ଭଳ ଜଣେ ଦିନ ମଜୁରିଆ। ଗତ ୨୦୨୦ ଡିସେମ୍ବର ୨୨ ତାରିଖ ଦିନ ତାର ଗର୍ଭବତୀ ପତ୍ନୀ ଲିପି ଭଳ (୨୬) ଝାଟିମାଟି ଘରେ ରୋଷେଇ କରୁଥିବା ଅବସ୍ଥାରେ ଶାଢୀରେ ନିଆଁ ଲାଗି ଶରୀରର ୭୫ ଭାଗ ପୋଡିଯାଇଥିଲା। ତାକୁ ମୁମୂର୍ଷ ଅବସ୍ଥାରେ ପ୍ରଥମେ ଧାମରା ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ ତାର ଗୁରୁତର ଅବସ୍ଥା ଯୋଗୁଁ ଡାକ୍ତରମାନେ କଟକ ସ୍ଥାନାନ୍ତର କରିଥଲେ। ମାତ୍ର ତାର ସ୍ୱାମୀ ଅଧିକ ଚିକିତ୍ସା ପାଇଁ କଟକର ଲିପ୍‌ସା ହସ୍‌ପିଟାଲକୁ ନେଇ ଦୀର୍ଘଦିନର ଚିକିତ୍ସା ପରେ ଅସ୍ତ୍ରୋପଚାର ଜନିତ ଉନ୍ନତ ମାନର ଚିକିତ୍ସାରୁ ବଂଚିତ ହୋଇ ଘରକୁ ନେଇଆସିଥିଲା। ସେହି ସମୟରୁ ଲିପି ଏଯାବତ୍ ଚଳନକ୍ଷମ ହୋଇପାରୁନାହିଁ। ଇତିମଧ୍ୟରେ ଲିପିର ଚିକିତ୍ସାରେ ସ୍ୱାମୀ ସରୋଜ ଘରର କଂସାବାସନ ଓ ଧାର କରଜ କରି ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ କରିଥିଲେ ମଧ ସେ ସଂପୂର୍ଣ୍ଣ ସୁସ୍ଥ ହୋଇପାରିନଥିଲା। ଲିପିର ୮ ବର୍ଷର କନ୍ୟା ମାମୁନି ତୃତୀୟ ଶ୍ରେଣୀରେ ପଢୁଥିବାବେଳେ ମା'ର ସମସ୍ତ ଦୈନନ୍ଦିନ କାର୍ଯ୍ୟ କରୁଥିବା ଯୋଗୁଁ ପାଠରେ ଡୋରି ବନ୍ଧା ଅବସ୍ଥା ଆସିଗଲାଣି। ଲିପିର ଚିକିତ୍ସା ମଧରେ ଅସ୍ତ୍ରୋପଚାର କରି ଡାକ୍ତରମାନେ ଜନ୍ମ କରାଇଥିବା ପୁତ୍ର ସନ୍ତାନଟି ମା' କ୍ଷୀର ଅଭାବରୁ ଏବେ ଦେଢବର୍ଷର ଥାଇ ମା'ର ସମସ୍ତ ଲାଳନ ଓ ପାଳନରୁ ବଂଚିତ ହୋଇଛି। ଲିପି ଶରୀରର ପଛପଟ ବେକପାଖରୁ ଜଂଘ ପର୍ଯ୍ୟନ୍ତ ପୋଡିଯାଇଥିବାରୁ ଅସ୍ତ୍ରୋପଚାର ଜନିତ ଉନ୍ନତ ଚିକିତ୍ସା ଅଭାବରୁ ସେ ଚଳନକ୍ଷମ ହୋଇପାରୁନାହିଁ। ଦୀର୍ଘସମୟ ଶଯ୍ୟାଶାୟୀ ଥାଇ ମଝିରେ ମଝିରେ ତାକୁ ତାର ପରିବାର ଲୋକେ କାନ୍ଥକୁ ଆଉଜାଇ ବସାଉଛନ୍ତି। ତେବେ ତାର ସଂପୂର୍ଣ୍ଣ ସୁସ୍ଥତା ନେଇ ସ୍ୱାମୀ ସରୋଜ ସ୍ଥାନୀୟ ସରପଞ୍ଚ ଦୀପକ କୁମାର ଦାସ, ତତ୍‌କାଳୀନ ଚେୟାରମେନ୍ ମାନସୀ ସାହୁ ଓ ବର୍ତ୍ତମାନର ଜିଲା ପରିଷଦ ସଭ୍ୟ ତାଙ୍କ ସ୍ୱାମୀ ରଂଜନ ସାହୁଙ୍କ ସମେତ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟିଥିଲେ ମଧ କେବଳ ପ୍ରତିଶ୍ରୁତି ପାଇଚାଲିଛି।

## ଅଭିନବ ଢଙ୍ଗରେ ଛାତ୍ର ପାଳିଲେ ଗୁରୁଦିବସ



ବସ୍ତା, ୦୬/୦୯ (ନି.ପ୍ର): ଗୁରୁଦିବସ ଉପଲକ୍ଷେ ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଏକ ଅଭିନବ ଢଙ୍ଗରେ ଗୁରୁ ଦିବସକୁ ପାଳନକରିଛନ୍ତି ଛାତ୍ର ଛାତ୍ରୀମାନେ ।ଶିକ୍ଷକତା ଏକ ଆଦର୍ଶ ଜୀବିକା ଓ ଏଥିପ୍ରତି ଛାତ୍ର ମାନଙ୍କୁ ପ୍ରେରିତ କରିବା ପାଇଁ ବରିଷ୍ଠ ଶ୍ରେଣୀର ଦଶ ଜଣ ଛାତ୍ରଛାତ୍ରୀ ସମସ୍ତ ଶ୍ରେଣୀରେ ଶିକ୍ଷକ ର ଭୂମିକା ନିର୍ବାହ କରି ପାଠ ପଢାଇଥିଲେ । ନିଜ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏହି ଭୂମିକାରେ ଦେଖି ପିଲାମାନେ ଆମୋଦିତ ହେବାସହ ବିଭିନ୍ନ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରେ ସକ୍ରିୟତା ସହ ଭାଗନେଇଥିଲେ । ସାଗର, ରିତେଶ, ହିତେଶ, ଝରଣା, ଆଶୁତୋଷ, ବାସୁଦେବ, ବନ୍ଦନା, ଅରୁଣ, ଶ୍ରେୟାଂସ ସରମଜିତ, ବିଶ୍ୱମୋହନ, ନୁପର, ଅନେଷା ପ୍ରଭୃତି ଏହି ପାଠପଢାକୁ ପ୍ରଧାନାଚାର୍ଯ୍ୟ ଶ୍ରୀପତି ପାତ୍ର ଓ ଅନ୍ୟ ଗୁରୁଜୀ ଗୁରୁମା ମାନେ ନିରୀକ୍ଷଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo